# ମୋବାଇଲ ଆଲୁଅରେ ଚାଲିଛି ଚିକିତ୍ସା

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)


ମୋବାଇଲ ଟର୍ଚ୍ଚ ଲାଇଟରେ ଡାକ୍ତର ପ୍ରେସ୍କ୍ରିପ୍‌ସନ ଲେଖୁଛନ୍ତି।

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାୟଗଡ଼ା ସହରରେ ଗୁରୁବାର ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ ଟର୍ଚ୍ଚ ଲାଇଟରେ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାବେଳେ ବହିର୍ବିଭାଗ ସମ୍ମୁଖରେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗି ରହିଥିଲା। ସେଠାରେ ଉପସ୍ଥିତ ଡାକ୍ତର ଜଣକ ପରେ ଜଣେ ରୋଗୀଙ୍କ ଚିକିତ୍ସା କରୁଥିଲେ, ତ କାହାକୁ କିଛି ନମୁନା ପରୀକ୍ଷା ପାଇଁ ରେଫର କରୁଥିଲେ । ତେବେ ପ୍ରେସ୍କ୍ରିପ୍‌ସନ ଲେଖୁଥିବା ସମୟରେ ଡାକ୍ତରଙ୍କୁ ମୋବାଇଲ ଟର୍ଚ୍ଚ ଦେଖାଇ ଲେଖିବାରେ ସାହାଯ୍ୟ କରୁଥିଲେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ।

ବିଦ୍ୟୁତ୍ ମରାମତି କାମ ପାଇଁ ଗୁରୁବାର ସକାଳ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ନେଇ ୩ଦିନ ପୂର୍ବରୁ ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ମେଡିକାଲରେ ଏ ନେଇ କୌଣସି ପୂର୍ବପ୍ରସ୍ତୁତି ହୋଇ ନ ଥିବା ଜଣାପଡ଼ିଛି । ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ବଡ଼ ଜେନ୍‌ସେଟ୍ ରୁମ୍‌ରେ ଆଧୁନିକ ଜେନ୍‌ସେଟ୍ ରହିଛି । ଉକ୍ତ ଜେନ୍‌ସେଟ୍ ମଧ୍ୟରୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି

**ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

ଖରାପ ଥିବାରୁ ଟେକ୍ନିସିଆନ୍ ମରାମତି କରୁଥିଲେ। ସେହିଭଳି ବିଦ୍ୟୁତ୍ ସରବରାହ ପାଇଁ ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବାରୁ ବିଭିନ୍ନ ନମୁନା ପରୀକ୍ଷଣ, ସିଟି ସ୍କାନ, ଏକ୍ସ-ରେ, ଅଲ୍‌ଟ୍ରାସାଉଣ୍ଡ ସେବା ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହିତ ମେଡିକାଲରେ ୫ଟି ଫ୍ଲୋର ରହିଥିବା ବେଳେ ବିଦ୍ୟୁତ୍ ଯୋଗାଣ ନ ଥିବାରୁ ଲିଫ୍ଟ ମଧ୍ୟ ବନ୍ଦ ରହିଥିଲା। ଫଳରେ ଶିଶୁ ଓ ମହିଳା ୱାର୍ଡ ସମେତ ସର୍ଜରି, ଭେଷଜ ବିଭାଗରେ ଚିକିତ୍ସା ପାଇଁ ଆସିଥିବା ରୋଗୀ ବହୁ କଷ୍ଟରେ ଶିଡ଼ି ଚଢ଼ି ଉପରକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଔଷଧ ବିତରଣ କେନ୍ଦ୍ର ମଧ୍ୟ ଅନ୍ଧାରରେ ରହିଥିଲା। ଅନ୍ୟପଟେ ଟାଟା ପାୱାର ସକାଳ ୯ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବିଦ୍ୟୁତକାଟ୍ ନେଇ ଘୋଷଣା କରିଥିବାବେଳେ ସନ୍ଧ୍ୟା ୫ଟା୩୦ ପର୍ଯ୍ୟନ୍ତ ଯୋଗାଣ ସ୍ୱାଭାବିକ ହୋଇପାରି ନ ଥିଲା । ପ୍ରକାଶ ଥାଉକି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ପଦବୀ, ଟେକ୍ନିସିଆନ, ଷ୍ଟାଫ ନର୍ସ ପଦବୀ ଖାଲି ପଡ଼ିଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ଏ ବିଷୟରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରି ବୁଝିବାକୁ କହିବା ସହିତ ନିଜେ ମଧ୍ୟ ବୁଝିବେ ବୋଲି କହିଥିଲେ। ତେବେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବରଦାକାନ୍ତ ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ ।

# ନବରାତ୍ର ଅବସରରେ ମହାକଳସ ଯାତ୍ରା


କଳସଧାରୀ ମହାକଳସ ଯାତ୍ରା।

ଅମ୍ବାଦଳା,୩।୧୦(ରବୀନ୍ଦ୍ର ପଣ୍ଡା)

ମୁନିଗୁଡା ବ୍ଲକ ଅମ୍ବାଦଳାର ପ୍ରସିଦ୍ଧ ନବରାତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଗୁରୁବାର ବହୁ ଭକ୍ତଙ୍କ ଗହଣରେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ପ୍ରଥମେ ଅମ୍ବାଦଳା ସହରର ସାଇନଗରରୁ ବାହାରି ସ୍ଥାନୀୟ ଭୈରବ ମନ୍ଦିର ନିକଟସ୍ଥ ନାଳରୁ ଗଙ୍ଗା ଆବାହନ କରାଯାଇଥିଲା। ଢୋଲ, ମାଦଳ, ଘୁମୁରା ଓ କୀର୍ତ୍ତନର ତାଳେତାଳେ ମହିଳା, ଯୁବତୀ ଓ କୁନି କୁନି ଝିଅମାନେ ପବିତ୍ର କଳସକୁ ମୁଣ୍ଡେଇ ପୂଜା ମଣ୍ଡପକୁ ନେଇଥିଲେ। ୫ହଜାରରୁ ଊର୍ଦ୍ଧ୍ୱ କଳସଧାରୀ ମହାକଳସ ଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଶୋଭାଯାତ୍ରାରେ ପୂର୍ବତନ ଅନୁସୂଚିତ ଜାତି, ଜନଜାତି ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାୟଗଡା ଜିଲା କୃଷକ ସଂଘ ଅଧ୍ୟକ୍ଷ ଜ୍ୟୋତି ପ୍ରସାଦ ସାହୁ, ବିଷମକଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ମୁନିଗୁଡା ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୌଶଲ୍ୟା ପ୍ରମୁଖ ସାମିଲ ଥିଲେ। ପୁରୋହିତ ବିପିନ କର, ବିଜୟ ମିଶ୍ର, ଶିବାଶିଷ ପାଣିଗ୍ରାହୀ ଓ ଅକ୍ଷୟ ରଥ ପୂଜାର୍ଚ୍ଚନା କରିଥିଲେ। କେ ପ୍ରବିଣ କୁମାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଧୀରେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜା ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ସୁରେଶଙ୍କ ସମେତ ଜଗନ୍ନାଥ ଆଚାରି, ସୁବାସ ସେନାପତି, ଦେବୀପ୍ରସାଦ ମୁଖାର୍ଜୀ, ବେଣୁଧର ଖୋସଲା, ରବି ଦଳେଇ, ସନ୍ତୋଷ ନାହାକଙ୍କ ସମେତ ଆମ୍ବାଦଳା ଅଞ୍ଚଳର ସମସ୍ତ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ନବରାତ୍ରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପୂଜା କମିଟିର ସମ୍ପାଦକ ଶ୍ରୀଧର ସାହୁ କହିଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମୁନିଗଡ଼ା,୩।୧୦ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍‌ର ସଭାଗୃହ ପରିସରରେ କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସୂତାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଡିଓ ପ୍ରୀତମ କୁମାର ତନ୍ତୀ, ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଅଶୋକ କୁମାର ପାତ୍ର, ସେକ୍ସନ ଅଫିସର ମନୋରଞ୍ଜନୀ କାର୍ଜି ପ୍ରମୁଖ ଉପସ୍ଥିତ ରହି କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସୂତାରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହି ସୂତାରଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ ପରିଡା, ଗୌରୀଶ୍ୟାମ ନାୟକ, ସନ୍ଧ୍ୟାରାଣୀ ମଲ୍ଲିକ, ରମେଶ ମିଞ୍ଜ, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ କୁମାର ଯାଦବ, ଅଞ୍ଜନ ସାହୁ ଓଏଲ୍‌ଏମ୍ ବିପିଏମ୍ କ୍ଷୀରୋଦ ଭୂୟାଁ, ଗୋପୀନାଥ ମହାକୁଡ, ଗ୍ରାମ ରୋଜଗାର ସେବକ ଗଣେଶ ପୂଜାରୀ, ସୋନାଲୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।



# ଘୋଷଣାରେ ସୀମିତ ୭ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

- ଅପହଞ୍ଚ ଇଲାକାରେ ବିପର୍ଯ୍ୟସ୍ତ ଶିକ୍ଷାର ବିକାଶ
- ୨ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଚାଲିଛି ପାଠପଢ଼ା

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା । ଅନୁସୂଚିତ ଜନଜାତି ଓ ଜାତି ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଜିଲାରେ ୯ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ଅନୁମୋଦନ ରହିଥିବା ବେଳେ ମାତ୍ର ୨ଟିରେ ଶିକ୍ଷାଦାନ ଚାଲିଛି। ଅନ୍ୟ ୭ଟି କେବଳ ଘୋଷଣାରେ ସୀମିତ ରହିଯାଇଛି। ପୂର୍ବ ସରକାର ସମୟରେ ଏହି ଅଞ୍ଚଳର ବିଧାୟକମାନେ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ମନ୍ତ୍ରୀ ଥିଲେ ମଧ୍ୟ ଶିକ୍ଷା ବିଭାଗରେ ସେପରି କିଛି ବିକାଶ ହୋଇ ନ ଥିବା ଅଭିଯୋଗ ହୋଇଛି।

୧୯୯୭-୯୮ଶିକ୍ଷାବର୍ଷରେ ରାୟଗଡ଼ା ବ୍ଲକ୍‌ରେ ଇଏମ୍‌ଆର୍‌ଏସ୍, ସିରିଗୁଡ଼ା ଏବଂ ୨୦୧୫-୧୬ ଶିକ୍ଷାବର୍ଷରେ ଇଏମ୍‌ଆର୍‌ଏସ୍, ବିକ୍ରମପୁର ଆରମ୍ଭ ହୋଇଥିଲା । ହେଲେ ଏହାପରେ ଅନୁମୋଦିତ ହୋଇଥିବା ୯ଟି ଇଏମ୍‌ଆର୍‌ଏସ୍ ମଧ୍ୟରୁ ୭ଟି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ । ୨୦୧୯-୨୦ ଶିକ୍ଷାବର୍ଷରେ କୋଲନରା, ଗୁଡ଼ାରି, କାଶୀପୁରଠାରେ ଇଏମ୍‌ଆର୍‌ଏସ୍ ପାଇଁ ଅନୁମୋଦନ ହୋଇଥିଲା । ସେହିଭଳି ୨୦୨୧-୨୨ରେ ଚନ୍ଦ୍ରପୁର, କଲ୍ୟାଣସିଂହପୁର, ପଦ୍ମପୁର ଏବଂ ରାମନାଗୁଡ଼ାଠାରେ ଇଏମ୍‌ଆର୍‌ଏସ୍ ପାଇଁ ଅନୁମୋଦନ ମିଳିଥିଲା । ହେଲେ ଅଦ୍ୟାବଧି ଏହାର ସ୍ଥାନ ନିରୂପଣ କାର୍ଯ୍ୟ ମଧ୍ୟ ଶେଷ ହୋଇପାରିନାହିଁ । ତେବେ ଏହି ଅନୁମୋଦନରେ ମୁନିଗୁଡ଼ା ଓ ବିଷମକଟକଠାରେ କୌଣସି ଇଏମ୍‌ଆର୍‌ଏସ୍ ଖୋଲାଯିବା ନେଇ ସୂଚନା ନାହିଁ । କିନ୍ତୁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ମନ୍ତ୍ରୀ ଥିବା ବିଷମକଟକ ବିଧାୟକ ଜଗନ୍ନାଥ ସାରକା ଏହି ୭ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦେଇଥିଲେ। ଅନେକ ସ୍ଥାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି। କିନ୍ତୁ ଦୀର୍ଘ ୪ ବର୍ଷ ହେବ ମୂଳଦୁଆ ବି ନିର୍ମାଣ ହୋଇନାହିଁ। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ । ତେବେ ଏ ସମ୍ପର୍କରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନରେ ବିଜୟ ଲାଭକରି ପ୍ରଥମ ଥର ଏମ୍‌ପି ହେବା ପରେ ଅଞ୍ଚଳର ବିକାଶ ପାଇଁ ସେ ଉଭୟ ତତ୍କାଳୀନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବିକରି ପର୍ଯ୍ୟାୟକ୍ରମେ ୭ଟି ନୂତନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁମୋଦନ କରାଇଥିଲେ। ହେଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି କହିଛନ୍ତି । ତେଣୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ଆଗାମୀ ଶିକ୍ଷାବର୍ଷ ପୂର୍ବରୁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନକଲେ ଅଞ୍ଚଳରେ ଶିକ୍ଷାର ବିକାଶ ହୋଇପାରିବ ବୋଲି କହିଛନ୍ତି ସପ୍ତଗିରି ।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

ଟିକିରି,୩।୧୦ (ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକ୍ ଟିକିରିରେ ପିଇବା ପାଣି ସମସ୍ୟା ନେଇ ଗୁରୁବାର ଗ୍ରାମର ମହିଳାମାନେ ମୁଖ୍ୟ ରାସ୍ତା ଅବରୋଧକରି ଆନ୍ଦୋଳନ କରିଥିଲେ। ଟିକିରି ଥାନା ନିକଟରେ ଥିବା ପୁରୁଣା ପିଏଚ୍‌ସି ସମ୍ମୁଖସ୍ଥ ରାସ୍ତା ଉପରେ ମହିଳାମାନେ ହାଣ୍ଡି, ବାଲ୍‌ଟି ରଖି ରାସ୍ତାରୋକୋ କରିବା ଯୋଗୁ ସ୍କୁଲ ବସ୍ ସହିତ ଅନ୍ୟ ଯାନବାହନ ଅଟକି ରହିଥିଲା। କାଶୀପୁର ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଦାମୋଦର ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଦିନ ପର୍ଯ୍ୟନ୍ତ ଜଳଯୋଗାଣ ସ୍ୱାଭାବିକ ହୋଇନାହିଁ ସେ ପର୍ଯ୍ୟନ୍ତ ସେହି ସାହିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗତ କିଛି ଦିନ ହେଲା ପାଇପରେ ଠିକ ଭାବେ ପାଣି ଆସୁ ନ ଥିବାରୁ ପାଣି ସମସ୍ୟା ନେଇ ସେମାନେ ପଞ୍ଚାୟତ କର୍ତ୍ତୃପକ୍ଷ ସହ ସଂପୃକ୍ତ ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଆନ୍ଦୋଳନ ପାଇଁ ବାଧ ହୋଇଥିବା ମହିଳାମାନେ କହିଛନ୍ତି ।


ମହିଳାମାନେ ରାସ୍ତା ଉପରେ ହାଣ୍ଡି, ବାଲ୍‌ଟି ରଖି ରାସ୍ତାରୋକୋ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ଆଶାକର୍ମୀ ସଂଘ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ଗୁରୁବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଏହି ଦାବିପତ୍ର ଗ୍ରହଣ କରିଛନ୍ତି । ଆସନ୍ତା ୧୪ ତାରିଖ ସୁଦ୍ଧା ଏହି ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଦିନିକିଆ ଧାରଣା ଦିଆଯିବ ବୋଲି ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି । ଉକ୍ତ ଦାବିପତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶାକର୍ମୀଙ୍କୁ ସରକାର ମାନ୍ୟତା ପ୍ରଦାନ କରିବା, ସରକାରୀ ମାନ୍ୟତା ନ ମିଳିବା ଯାଏଁ ମାସିକ ୧୮ହଜାର ଟଙ୍କା ବେତନ ପ୍ରଦାନ କରିବା, ସାମାଜିକ ସୁରକ୍ଷା ଯୋଗାଇବା, ଅବସର ପରେ ଆଶାକର୍ମୀଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ସହିତ ପେନ୍‌ସନ ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ଆଶାକର୍ମୀ ସଂଘର ଜିଲା ସଭାପତି ତାମଲା ସାହୁକାର ଓ ସମ୍ପାଦିକା ଗୀତାଞ୍ଜଳି ହିଆଲ ଓ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କୁ ହାଜର ପାଇଁ ଏନ୍‌ଏସ୍‌ସିଏସ୍‌ଟି କମିଶନଙ୍କ ନୋଟିସ

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

**ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣା**

ଲକ୍ଷ୍ମୀ ମାଝି ହତ୍ୟା ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି (ଏନ୍‌ଏସ୍‌ସିଏସ୍‌ଟି) କମିଶନ ପକ୍ଷରୁ ଦିଲୀସ୍ଥିତ କାର୍ଯ୍ୟାଳୟଠାରେ ୧୭ ତାରିଖରେ ହାଜର ହେବାକୁ ରାୟଗଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ନୋଟିସ୍ ଜାରି ହୋଇଛି। ଉକ୍ତ ନୋଟିସ୍‌ରେ ଏହି ମାମଲା ସମ୍ବନ୍ଧିତ ସମସ୍ତ ତଥ୍ୟ ଓ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳୀରାମ ମାଝି ଉକ୍ତ ଘଟଣାକୁ ନେଇ ଗତ ଫେବୃଆରୀ ମାସରେ କମିଶନକୁ ଲିଖିତ ଅଭିଯୋଗ ଦେବା ପରେ କମିଶନ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ପ୍ରକାଶ ଥାଉକି, ମୃତ ଲକ୍ଷ୍ମୀ ମାଝି ଚନ୍ଦ୍ରପୁର ସ୍ଥିତ ମା' ଗୃହରେ କାର୍ଯ୍ୟ କରୁଥିଲେ । ତେବେ ୨୦୨୩ ଡିସେମ୍ବର ୨୧ ତାରିଖରେ ମେଡ଼ିକାଲ ପରିସରରେ ଲକ୍ଷ୍ମୀଙ୍କ ଅର୍ଦ୍ଧନଗ୍ନ ମୃତଦେହ ଠାବ ହୋଇଥିଲା । ଏହି ଘଟଣାରେ ପ୍ରଥମେ ସ୍ଥାନୀୟ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା । ହେଲେ ଏହି ମାମଲାର କୌଣସି ତଥ୍ୟ ବର୍ତ୍ତମାନ ଲୋକଲୋଚନକୁ ଆସିନାହିଁ । ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବାରମ୍ବାର ଦାବି ହୋଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କାଳିରାମ ମାଝି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ହସ୍ପିଟାଲରେ ଭର୍ତ୍ତି ହେଲେ ରାମୁଲୁ ଆମ୍ମା

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ପେନ୍‌ସନ ନ ମିଳିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିଥିବା ଏସ୍.ରାମୁଲୁ ଆମ୍ମା(୭୬)ଙ୍କୁ ପୋଲିସ ଉଠାଇନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିବା ରାମୁଲୁ ଆମ୍ମା ଧାରଣାରେ ବସିଥିବାବେଳେ ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସେଠାକୁ ଆସି ତାଙ୍କୁ ଧାରଣାରୁ ନିବୃତ୍ତ ହେବାକୁ କହିଥିଲେ । ହେଲେ ରାମୁଲୁ ଆମ୍ମା ଧାରଣାରୁ ହଟି ନ ଥିଲେ । ଶେଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିବା କହି ପୋଲିସକୁ ସୂଚନା ଦେଇଥିଲେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ । ଏହାପରେ ରାୟଗଡ଼ା ଟାଉନ ଥାନା ପୋଲିସ ବୁଧବାର ରାତି ପ୍ରାୟ ୮ଟାରେ ସେଠାକୁ ଡାକ୍ତରୀ ଟିମ୍ ସହିତ ଯାଇଥିଲେ । ଡାକ୍ତର ରାମୁଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟଧିକ ଖରାପ ଥିବା କହିବାରୁ ପୋଲିସ ରାମୁଲୁଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ରାମୁଲୁଙ୍କ ଚିକିତ୍ସା ଚାଲିଛି।

ଘଟଣାରୁ ପ୍ରକାଶ, ଏସ୍. ରାମୁଲୁ ଆମ୍ମା ରାୟଗଡ଼ା ସହରର ଏକ୍ସବୋର୍ଡ ୟୁପି ସ୍କୁଲରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରି ଠିକ୍ ସମୟରେ ଅବସର ନେଇଛନ୍ତି। ୧୯୯୬ରେ ତାଙ୍କର ପେ-ଫିକ୍ସେସନ ହେବା ସହ ୭୫୦ ଟଙ୍କା ବେସିକ ଦରମାରେ ଚାକିରି କରିଥିଲେ । କିନ୍ତୁ ସରକାର କରିଥିବା ପରବର୍ତ୍ତୀ ପେ-ଫିକ୍ସେଶନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରାଗଲା ନାହିଁ। ଏଥିପାଇଁ ସେ ଶିକ୍ଷା ନିର୍ଦ୍ଦେଶକଙ୍କୁ ୫ ଥର ଏବଂ ବିଭାଗୀୟ କମିଶନରଙ୍କୁ ମଧ୍ୟ ୩ ଥର ଚିଠି ଲେଖି ଅବଗତ କରାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିଲାନାହିଁ। ଏହାଦ୍ୱାରା ୨୦୧୫ ଜୁନ୍ ୩୦ରେ ଚାକିରିରୁ ଅବସର ନେବା ପରେ ପେନ୍‌ସନ ପାଇଁ ସମସ୍ୟା ଭୋଗୁଥିବା କହିଛନ୍ତି ରାମୁଲୁ ଆମ୍ମା।


ନବରାତ୍ରି ଉପଲକ୍ଷେ ଗୁରୁବାର ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ରାୟଗଡ଼ାର ଆରାଧ୍ୟ ଦେବୀ ମା' ମଝିଘରିଆଣୀ। (ଫଟୋ - ଆଶିଷ ରଞ୍ଜନ ପଣ୍ଡା)

# ମା' ଉଗ୍ରତାରା ମନ୍ଦିର ଗୋପୁର ଶିଖର ପ୍ରତିଷ୍ଠା ଉତ୍ସବ

ଜେକେ ପୁର, ୩।୧୦ (ରାଜେଶ ବିଶ୍ୱାଳ)



ରାୟଗଡା ବ୍ଲକର କୁମୁଟିପେଣ୍ଠ ଗ୍ରାମର ଇଷ୍ଟଦେବୀ ମା' ଉଗ୍ରତାରା ଦେବୀଙ୍କ ଗୋପୁର ଶିଖର ପୁନଃ ପ୍ରତିଷ୍ଠାନ ପ୍ରାରମ୍ଭ କାର୍ଯକ୍ରମ ବହୁ ଆଡମ୍ବରରେ ଅନୁଷ୍ଠିତ ହେଉଛି। ୩ ଦିନ ଧରି ହେବାକୁ ଥିବା ଉକ୍ତ କାର୍ଯକ୍ରମରେ ଗୁରୁବାର ଗଣପତି ପୂଜନ ଏଂ ଅଖଣ୍ଡ ଦୀପ ପ୍ରଜ୍ୱଳନ ପରେ ଗୋପୁର ଶିଖରକୁ ଗାଡ଼ିରେ ଜେକେପୁର ଓ କୁମୁଟିପେଣ୍ଠ ଗ୍ରାମରେ ପରିକ୍ରମା କରାଯାଇଛି। ଗ୍ରାମର ପୂଜା କମିଟିଙ୍କ ତଥ୍ୟ ଅନୁସାରେ ଶୁକ୍ରବାର ବାସ୍ତୁ ପୂଜା ସହ ପାର୍ଶ୍ୱ ଦେବାଦେବୀଙ୍କ ଆବାହନ କାର୍ଯ୍ୟକ୍ରମ ରହିଛି। ୫ ତାରିଖ ସକାଳ ୯ଟା ୨୭ ମିନିଟ ଶୁଭ ମୁହୂର୍ତ୍ତରେ ମନ୍ଦିରର ଗୋପୁର ଶିଖର ନୂତନ ଭାବେ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଉତ୍ସବ ଅବସରରେ ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ବାଦ୍ୟ ଏବଂ ଆତସବାଜୀରେ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଏହି ପ୍ରାରମ୍ଭିକ ପର୍ବ ଅବସରରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଜିଲା ସଭାପତି ଏମ୍ ଭାସ୍କର ରାଓ ଯୋଗ ଦେଇଥିଲେ।

# ତମାଖୁ ବର୍ଜନ ଯୁବପିଢ଼ିଙ୍କ ପାଇଁ ଆହ୍ୱାନ

ରାୟଗଡ଼ା ୩।୧୦(ଆଶିଷ ରଞ୍ଜନ ପଣ୍ଡା)

**ତମାଖୁ ମୁକ୍ତ ଅଭିଯାନ ୨.୦ ଶୁଭାରମ୍ଭ**

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଜିଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୨.୦କୁ ଜିଲାପାଳ ପାରୁଲ ପଟୱାରୀ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲାପାଳ ପାରୁଲ କହିଥିଲେ, ତମାଖୁ ମୁକ୍ତ ସମାଜ ଗଠନ ନିମନ୍ତେ ଯୁବ ସମାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୨୫ ସେପ୍ଟେମ୍ବର ୨୦୨୪ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମୋଟ ୬୦ ଦିନ ଧରି ଚାଲିବ । ବିଶେଷକରି ଯୁବ ସମାଜ ଜାଣି ରଖିବା ଉଚିତ, ତମାଖୁ ସେବନ ଅଧିକାଂଶ ଅଣ-ସଂକ୍ରାମକ ରୋଗ ଓ କର୍କଟ ରୋଗର କାରଣ। ତେଣୁ ତମାଖୁ ବର୍ଜନ, ଆଜିର ଯୁବପିଢ଼ୀ ପାଇଁ ଆହ୍ୱାନ। ସାମାଜିକ ଗଣମାଧ୍ୟମ ସହାୟତାରେ ତମାଖୁ ବ୍ୟବହାରକୁ ବର୍ଜନ କରିବା ପାଇଁ ବିଭିନ୍ନ ସୂଚନାଯୋଗ୍ୟ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲାଲମୋହନ ରାଉତରାୟ, ଉପ ଆରକ୍ଷୀ ଅଧିକ୍ଷକ ଭୀମସେନ ନାୟକ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା . ମମତା ସାହୁ , ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ଚୌଧୁରୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା ପ୍ରଦୀପ୍ତ କୁମାର ସୁବୁଦ୍ଧି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା .ବରଦାକାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ର, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ, ଜିଲା କାର୍ଯ୍ୟକ୍ରମ ପରିଚାଳକ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ରାଜେଶ୍ୱର ରାଓ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଏବଂ ଅନ୍ୟମାନେ ତମାଖୁ ମୁକ୍ତ ଅଭିଯାନ ଲିଫ୍‌ଲେଟ୍ ଉନ୍ମୋଚନ କରୁଛନ୍ତି।

# ଚାଷୀଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବାକୁ ଗୁରୁତ୍ୱ

ଗୁଣପୁର,୩।୧୦(ପ୍ରଦୀପ କୁମାର ପାଢ଼ୀ)

**ଫସଲ ବିବିଧକରଣ ଅଧୀନ ଅଂଶୀଦାର ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ**

ଗୁଣପୁର କୃଷି ଜିଲା ପକ୍ଷରୁ ଜିଲାସ୍ତରୀୟ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାର ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲକ୍ଷ୍ମୀନୃସିଂହ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସମ୍ମାନିତ ଅତିଥି ଭାବେ ଗୁଣପୁର ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଯୋଗଦେଇ ସରକାରୀ ଯୋଜନାଗୁଡିକ ଯେପରି ଚାଷୀଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି କୃଷି ବିଭାଗ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ବିଭିନ୍ନ କୃଷକ ଉନ୍ନତୀକରଣ ଯୋଜନା ଯେପରି ଚାଷୀଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଅଧିକ ଧ୍ୟାନଦେବାକୁ ଉପାଧ୍ୟକ୍ଷ ଶିବ ଗୌଡ଼ କହିଥିଲେ।

ରାୟଗଡ଼ା ସିଡିଏଓ ବିଷ୍ଣୁପ୍ରସାଦ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଭୁବନେଶ୍ୱରର କୃଷି ବିଶେଷଜ୍ଞ ସିଡିପି ଏମ୍‌ଏଲ୍‌ଆଇପି ଡ. ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ ଅତ୍ୟାଧୁନିକ ଜ୍ଞାନକୌଶଳରେ କିଭଳି ଚାଷ କଲେ ଚାଷୀ ଲାଭ ପାଇପାରିବ ସେ ନେଇ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଏସ୍‌ପିଏମ୍‌ୟୁର ଷ୍ଟେଟ ମ୍ୟାନେଜର ରବୀନ୍ଦ୍ର କୁମାର ପାଇକରାୟ, ଗୁଣପୁର କୃଷି ବିଭାଗର ସହକାରୀ କୃଷି ଅଧିକାରୀ ବୃନ୍ଦାବନ ବେହେରା, ବ୍ଲକ କୃଷି ଅଧିକାରୀ ସୁଜାତା ନିଶଙ୍କ, ଏଏଓ ଅଶ୍ୱିନୀ କୁମାର ସିଂ ମଞ୍ଚାସୀନ ହୋଇ କୃଷି ଓ କୃଷକର ବିକାଶ ପାଇଁ ସରକାରୀ ଯୋଜନା ଯେପରି ଚାଷୀ ପାଇପାରିବେ ଏହାକୁ ନେଇ ସଚେତନ କରାଇଥିଲେ। ଗୁଣପୁର କୃଷି ଜିଲାସ୍ତରୀୟ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାର ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକର ୪ଟି ଉଠା ଜଳସେଚନ ପ୍ରକଳ୍ପ ୪ଟି କ୍ଲଷ୍ଟରରେ ଯଥା ଗାଦିଆଖଳାର ୨ଟି ଓ ମେରିଂ ଓ ଭୀମପୁରରେ ୧୫ ସହ ହେକ୍ଟର ଜମିରେ ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ସେଠାର ୧୧୦୧ ଚାଷୀ ଓ ଉଦ୍ୟାନ କୃଷି ପାଇଁ ୩୪୯ ହେକ୍ଟର ଜମି ପାଇଁ ୫୬୭ କୃଷକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାମାନାଗୁଡ଼ା ଏଏଇ ଭାଗ୍ୟଶ୍ରୀ ମଲ୍ଲିକ ସଂଯୋଜନା କରିଥିବାବେଳେ ବିଏଓ ବିଭୂତି ବିଷୋୟୀ , ଏଏଚ୍‌ଓ ସତ୍ୟବ୍ରତ ସାହୁ, କେବିକେ ବୈଜ୍ଞାନିକ ନାରାୟଣ ରାମୁ, ସନ୍ତୋଷ ରଥ ଉପସ୍ଥିତ ରହି ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ମାଣ୍ଡିଆ କେକ୍ କଟାଯାଇଥିଲା ।


ଅତିଥିମାନେ ମାଣ୍ଡିଆରେ ପ୍ରସ୍ତୁତ କେକ୍ କାଟୁଛନ୍ତି।

# ଗୋପାଳ ସମାଜର ବୈଠକ

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନରେ ଷୋହଳଖଣ୍ଡ ଗୋପାଳ ସମାଜର ଏକ ବୈଠକ ଜିଲା ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜୟପୁର ମୁଠା ସଭାପତି ଭାସ୍କର ଚନ୍ଦ୍ର ଗୌଡ଼ ଓ ସମ୍ପାଦକ ରବିନାରାୟଣ ଗୌଡ଼ ବୈଠକର ଉଦ୍ଦେଶ୍ୟ କହିବା ସହ ବିଜୟ ଗୌଡ଼ଙ୍କୁ ସହ ସମ୍ପାଦକ,ମୁଠାର ସହ ସମ୍ପାଦକ ନାରାୟଣ ଗୌଡ଼ଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିଲା। ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଜୟପୁର ମୁଠା ପାଇଁ ବ୍ୟାଙ୍କରେ ଏକ ଜମା ଖାତା ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। ମୁଠା ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷଙ୍କ ମିଳିତ ଦସ୍ତଖତରେ ବ୍ୟାଙ୍କ ଖାତା ଖୋଲିବାକୁ ସ୍ଥିର ହୋଇଥିଲା। ଉପଦେଷ୍ଟା ଡାକ୍ତର ସୁଦର୍ଶନ ଗୌଡ଼,ମହିଳା ସଭାନେତ୍ରୀ କବିତା ମହାଲ୍ଲୁଡ଼,ହରି ଗୌଡ଼ ଓ ରାମଚନ୍ଦ୍ର ଗୌଡ଼ ପରିଚାଳନା କରିଥିଲେ।

# ରାଜ୍ୟପାଳ,ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର


ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

କୋରାପୁଟ,୩।୧୦
(ଅମିତାଭ ବେହେରା)

### ଜିଲାଭିତ୍ତିକ ନିଯୁକ୍ତି ଦାବି

କୋରାପୁଟରେ ଜିଲାଭିତ୍ତିକ ନିଯୁକ୍ତି ନେଇ ଜିଲା ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମିଳିତ କ୍ରିୟାନୁଷ୍ଠାନର କମିଟିର ରୂପକ ଡୁରୁକ୍,ପଦ୍ମନାଭ ଜାନି, ଶିବ ମୁଦୁଲି,ନିମାଇଁ ସରକାର, ବାବୁଲା ବେନିଆ,ଜଗନ୍ନାଥ ହନ୍ତାଳ, ବୈକୁଣ୍ଠ ମଣ୍ଡଳ ଓ ମନୋଜ ଆଚାର୍ଯ୍ୟ ସହ ବହୁ ସଦସ୍ୟ ଜିଲାପାଳ ଭି.କିର୍ତ୍ତି ଭାସନଙ୍କୁ ଦାବିପତ୍ର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ସେହିପରି କମିଟି ସଦସ୍ୟମାନେ ଜିଲାର ଏସ୍‌ପି ରୋହିତ ବର୍ମାଙ୍କୁ ଭେଟି ଦାବିପତ୍ରର ନକଲ ପ୍ରଦାନ କରିଛନ୍ତି। ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ୪ ତାରିଖ କୋରାପୁଟ ଜିଲା ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସମସ୍ତ ଗାଡି ଚଳାଚଳ,ଦୋକାନ ବଜାର,ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ କାର୍ଯ୍ୟାଳୟ ବନ୍ଦ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଆଜି କୋରାପୁଟ ବନ୍ଦ

ଦାମନଯୋଡି,୩।୧୦(ମାନସ ରଞ୍ଜନ କର)

କୋରାପୁଟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଶୁକ୍ରବାର ବନ୍ଦ ଡାକରା ଦିଆଯାଇଛି। ଜିଲାର ୧୪ ବ୍ଲକରେ ୧୨ଘଣ୍ଟିଆ ବନ୍ଦ ପାଇଁ ସବୁ ପଞ୍ଚାୟତର ଜନସାଧାରଣ ଯୋଗ ଦେବାକୁ ପ୍ରସ୍ତୁତି ଶେଷ ହୋଇଛି। କୋରାପୁଟ ଜିଲା ଆମର ଜିଲା,ଚାକିରୀ କରିବେ ଆମର ପିଲା ନାରାରେ ସକାଳରୁ ସନ୍ଧ୍ୟା ଯାଏ ଜନସାଧାରଣ ନିଜ ଇଚ୍ଛାରେ ରାଲି ଓ ବନ୍ଦ ପାଳନକୁ ସଫଳ କରିବାକୁ କମିଟି ପକ୍ଷରୁ ସୂଚନା ମିଳିଛି।

# ଜିଲା ଚିକିତ୍ସାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଦିଲୀପ ବିଶ୍ୱାଳ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ଶୋଭାଯାତ୍ରା ରଜାନହର ଛକରୁ ବାହାରି କୋଭିଡ୍ ହସ୍ପିଟାଲ ନିକଟରେ ଶେଷ ହୋଇଥିଲା। ସ୍ୱଚ୍ଛତା ହିଁ ସେବା, ସ୍ୱଭାବ ଓ ସଂସ୍କାର ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ଚିକିତ୍ସାଳୟ ପରିସରରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶୋଭାଯାତ୍ରାରେ ଏଏନ୍‌ଏମ୍ ଛାତ୍ରୀ ଓ ଜିଲା ଚିକିତ୍ସାଳୟର କର୍ମଚାରୀ ସାମିଲ ହୋଇଥିବା ହସ୍ପିଟାଲ ମ୍ୟାନେଜର ରୂପସୀ ନାୟକ ସୂଚନା ଦେଇଛନ୍ତି।

# ବନବାସୀ ସନାତନ ଧର୍ମ ସଂସ୍କୃତି ସମିତିର ନିନ୍ଦା



ଖବରଦାତା ସମ୍ମିଳନୀରେ ବନବାସୀ ସନାତନ ଧର୍ମ ସମିତିର ସଦସ୍ୟ ।

ପଟ୍ଟାଙ୍ଗି,୩।୧୦(ଶରତ ଧଳ)

### ତିରୁପତି ବାଲାଜୀ ମନ୍ଦିର ଭୋଗ ଅପମିଶ୍ରଣ ଘଟଣା

ତିରୁପତି ବାଲାଜୀ ମନ୍ଦିରରେ ଭୋଗରେ ପଡୁଥିବା ଘିଅରେ ଗୋରୁ ଚର୍ବି ଥିବା ଅଭିଯୋଗ ଉଠିବା ପରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ପୁକାଲି ପଞ୍ଚାୟତର କାର୍କାଗୁଡ଼ା ଗ୍ରାମରେ ବନବାସୀ ସନାତନ ଧର୍ମ ସଂସ୍କୃତି ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ତିରୁପତି ବାଲାଜୀ ମନ୍ଦିରର ପୂଜକମାନେ ଅପମିଶ୍ରିତ ଭୋଗକୁ ଭକ୍ତଙ୍କୁ ଦେଇ ମନରେ କୁଠାରାଘାତ କରିଛନ୍ତି। ଏହା ନିନ୍ଦନୀୟ ଓ ସେମାନଙ୍କୁ କଠୋରରୁ କୋଠର ଦଣ୍ଡ ମିଳିବା ଆବଶ୍ୟକ ବୋଲି ଦାବି କରିଥିଲେ। ଅପମିଶ୍ରିତ ଭୋଗ ପାଇଁ ସମସ୍ତ ଦେବଦେବୀ ପୀଠ ଅପବିତ୍ର ହୋଇଥିବାରୁ ଗୁରୁବାରଠାରୁ ୧୨ ତାରିଖ ପର୍ଯ୍ୟନ୍ତ ସମସ୍ତ ଦେବଦେବୀ ପୀଠରେ ପୂଜାର୍ଚ୍ଚନା କରାଯିବ ବୋଲି ସୂଚନା ଦେଇଛନ୍ତି। ସମ୍ମିଳନୀରେ ସମିତିର ସଭାପତି ଡାଉଡୁ ଦୋରା,ଗୋକୁଳ ଖିଲ,ସହ ସମ୍ପାଦକ ବି.ଚାଣ୍ଟି,ସମ୍ପାଦକ ଶଙ୍କର ପାଙ୍ଗୀ,ଜୟସେନ୍ ଇରିଙ୍ଗାଇ, କେଶବ ଖଡା,ବଳରାମ ଖିନବୁଡ଼ି ଓ ନବକିଶୋର ଖରା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଜୟପୁର ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ,ଲକ୍ଷ୍ମୀକାନ୍ତ ପାଢ଼ୀ,ହରିଶ ରାଓ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଶତପଥୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ୩୫୦ କ୍ଲଷ୍ଟରସ୍ତରୀୟ ସର୍ବଶ୍ରେଷ୍ଠ ପ୍ରତିଯୋଗୀ ୧୦ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗ ଅଧକ୍ଷ ମନୋରଞ୍ଜନ ପ୍ରଧାନ,ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଭିଷେକ ଭୁଏ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶଙ୍କର ପ୍ରହରାଜ,ବିଜୟଲକ୍ଷ୍ମୀ,ଗୋରଚାନ୍ଦ ତ୍ରିପାଠୀ, ଓମ ପ୍ରକାଶ ମିଶ୍ର, ଦେବୀ ପ୍ରସାଦ ଦାସ, ପୁରନ୍ଧର ନାୟକ, କେ.ଗୋପାଳ, ପ୍ରଦୀପ ମିଶ୍ର, ଶଙ୍କର ପ୍ରହରାଜ, ଜ୍ୟୋତିରାଣୀ ପଣ୍ଡା ଓ ସମସ୍ତ ଆଞ୍ଚଳିକ ସାଧନକର୍ମୀ ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଶ୍ରମଦାନ ଦିବସ ପାଳିତ


ଜୟପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ।

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା, ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ଅବସରରେ ଶ୍ରମଦାନ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୋର୍ଟ ସମ୍ମୁଖରେ ଥିବା ନୈମିଷାରଣ୍ୟକୁ ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସିଡିଓ ଦେବାଶିଷ ପଟ୍ଟନାୟକ, ଏଡିଏମ୍ ଲମ୍ବଜିତ ରାଉତ, କୋରାପୁଟ ଡେପୁଟି କଲେକ୍ଟର ଦେବେନ୍ଦ୍ର ରାଉତ, ବିଡିଓ ଶକ୍ତି ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ପୌର କର୍ମଚାରୀ ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା ଓ ପ୍ରମୁଖ ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ।

# ପୋଲିସ,ଜନସାଧାରଣ ସମ୍ପର୍କ ସୁଦୃଢ଼ ହେବ :ଏସ୍‌ପି

କୋରାପୁଟ,୩।୧୦
(ଅମିତାଭ ବେହେରା)



କୋରାପୁଟ ଏସ୍‌ପି ଅଫିସ ସଭାଗୃହରେ ନୂତନ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଏକ ଖବରଦାତା ସମ୍ମିଳନୀ କରି ଜିଲାର ବିଭିନ୍ନ ସମସ୍ୟା ଉପରେ ଗୁରୁବାର ଆଲୋଚନା କରିଛନ୍ତି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ରହିଥିବା ସୁସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଆଇନ ଶୃଙ୍ଖଳା,ଗଞ୍ଜେଇ ଚୋରା ଚାଲାଣ,ସାଇବର ଅପରାଧ,ଟ୍ରାଫିକ ନିୟନ୍ତ୍ରଣ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଇଁ ଜିଲାର ସମସ୍ତ ଥାନାରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଜିଲାର ଜନସାଧାରଣ ନିଜକୁ ସୁରକ୍ଷିତ ଅନୁଭବ କରିବା ପାଇଁ ଲୋକଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଜିଲାରେ ମାଓବାଦୀ ଗତିବିଧି ୦.୧ ରହିଥିବାବେଳେ ତାହାକୁ ଶୂନ କରିବା ତାଙ୍କର ପ୍ରାଥମିକ ପଦକ୍ଷେପ ହେବ ବୋଲି ବର୍ମା ସୂଚନା ଦେଇଛନ୍ତି।

# ମକାଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

ସୁନାବେଡ଼ା/ସେମିଳାଗୁଡ଼ା,୩।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

### ନିଜ ଖର୍ଚ୍ଚରେ କରୁଛନ୍ତି ଚାଷ

କୋରାପୁଟ ଜିଲାରେ ପୂର୍ବରୁ ମିଲେଟ୍ ମିଶନ ଯୋଜନାରେ ଚାଷୀଙ୍କୁ ମାଣ୍ଡିଆ ଚାଷ ପାଇଁ ତାଲିମ ସହ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ବେଳେ ସରକାର ମକାଚାଷୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳ ସାଡ଼ାମ ପଞ୍ଚାୟତର ଡମୁଣିଖୋଲା ଗାଁର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଚାଷୀ ୫୦ ଏକରରୁ ଅଧିକ ଜମିରେ ମକା ଚାଷକରି ଜୀବିକା ନିର୍ବାହ କରନ୍ତି। ମକାଚାଷ ପାଇଁ ସେମାନଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ମିଳୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାରେ ମକାଚାଷ ପାଇଁ ଜଳବାୟୁ ଓ ଉର୍ବର ମାଟି ବେଶ୍ ଅନୁକୂଳ ଥିବା ବେଳେ ଚାଷୀ ନିଜ ଖର୍ଚ୍ଚରେ ଚାଷ କରୁଛନ୍ତି। ସରକାରଙ୍କ ତରଫରୁ ଉନ୍ନତମାନର କୃଷି ତାଲିମ,ଉନ୍ନତ କିସମର ବିହନ,ସାର ଓ କୀଟନାଶକ ମିଳିଥିଲେ ସେମାନେ ଲାଭବାନ୍ ହେବା ସହ ଅନ୍ୟ ଚାଷୀମାନେ ଏହି ଚାଷ ପାଇଁ ଆଗ୍ରହୀ ହୁଅନ୍ତେ ବୋଲି ଚାଷୀ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା କୃଷି ଅଧିକାରୀ ହେମନ୍ତ ପଡ଼ିହାରୀଙ୍କୁ ପଚାରିବାରୁ ସେ ଅଳ୍ପଦିନ ପୂର୍ବରୁ ଏଠାକୁ ଆସିଥିବା ଓ ଅଞ୍ଚଳ ବିଷୟରେ ଅଧିକ ଜାଣି ନ ଥିବା କହିଛନ୍ତି। ଅଞ୍ଚଳର ଜଣେ ପୁରୁଣା କର୍ମଚାରୀ ତାଙ୍କ ସହ ଅଛନ୍ତି। ତାଙ୍କୁ ପଚାରି ବୁଝିବା ପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ ମକା ମିଶନ ଭଳି ଏକ ଯୋଜନା ରହିଛି ତାହା ସେହି ଅଞ୍ଚଳ ପାଇଁ ଅଛି କି ନାହିଁ ଜଣାନାହିଁ। ଯଦି ସେହି ଅଞ୍ଚଳ ପାଇଁ ଥାଏ ତେବେ ଯଥା ସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



# ଟିପିଏସ୍‌ଓଡିଏଲ୍‌ର ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ


ଟିପିଏସ୍‌ଓଡିଏଲ୍‌ର କର୍ମଚାରୀ ।

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

କୋରାପୁଟ ମୋରାନ୍ ଡ୍ୟାମ୍‌ରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଟାଟା ପାୱାର ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍‌ର ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରା ଓ ଲୋକନାଥ ସାହୁ ନେତୃତ୍ୱରେ ବିଶ୍ୱଜିତ୍ ମେଣ୍ଡୁଲି,ଅମିତ ଚୌଧୁରୀ, ଚନ୍ଦନ ରେଡ୍ଡୀ,ସନ୍ତୋଷ ପୃଷ୍ଟି,ସୌମ୍ୟରଞ୍ଜନ ଲେଙ୍କା,ରାକେଶ ତ୍ରିପାଠୀ,ରଶ୍ମି ରଞ୍ଜନ ସାହୁ, ରଣଧୀର ସିଂ,ରାଜ୍ କୁମର,ରୋଶନ ସାହୁ,ରିକୁନ୍ ମିଶ୍ର,ସାଇ ସୋରୁପ୍ ମହାନ୍ତି,ଚାଣକ୍ୟ ହଜାରିକା,ସୌମ୍ୟଜିତ୍ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ବାଟମଙ୍ଗଳାଙ୍କ ନବରାତ୍ର ପୂଜା


କୋରାପୁଟର ମା’ ବାଟମଙ୍ଗଳା ।


ମାନସିକଧାରୀଙ୍କ କଳସ ଓ ଅଖଣ୍ଡ ଦୀପ ।

କୋରାପୁଟ, ୩।୧୦
(ଅମିତାଭ ବେହେରା)

କୋରାପୁଟ ସହର ଗ୍ରାମଦେବୀ ମା ବାଟମଙ୍ଗଳା ମନ୍ଦିରରେ ଗୁରବାରରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। କୋରାପୁଟ-ଜୟପୁର ୨୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ମା ବାଟମଙ୍ଗଳା ମନ୍ଦିରରେ ବିଶେଷ ପୂଜାର ଆୟୋଜନ କରାଯାଇଛି। ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ମାଙ୍କ ମହାସ୍ନାନ କରାଯିବ। ଗୁରବାର ମାଙ୍କୁ ମହାସ୍ନାନ କରାଯିବା ପରେ ଜଳାଯାତ୍ରା, ସୁର୍ଯ୍ୟ ପୂଜା, ଦ୍ୱାରପାଳ ପୁଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଆଦି କର୍ମ ଆରମ୍ଭ କରାଯାଇଛି। ଏହାବ୍ୟତିତ ଭକ୍ତମାନେ ମାନସିକ ନେଇ ମନ୍ଦିରରେ କଳସ ଓ ଦୀପ ସ୍ଥାପନ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ମାଙ୍କ ଆଳତି ପରେ ବିଶେଷ ପୁଜାବିଧି ବୈଦିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ ବୋଲି ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ନୀଳାମ୍ବର ମହାପାତ୍ର ପ୍ରକାଶ କରିଛନ୍ତି। ସେହିପରି କୋରାପୁଟ ସହରର ମା ମୁତ୍ୟାଲୁମାଁଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଥିବାବେଳେ ଏଠାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି।

# ନବରାତ୍ରିରେ ଚଳଚଞ୍ଚଳ ପୂଜାପୀଠ

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଜୟପୁରରେ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିବା ବେଳେ ନବରାତ୍ରି ପାଇଁ ସହର ଚଳଚଞ୍ଚଳ। ଜୟପୁରର ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିର, ଦକ୍ଷିଣ କାଳିକା, ବସନ୍ତାୟୀ, ଜଗତ ଜନନୀ,ସାତଭଉଣୀ, ଉଗ୍ରତାରା, ମଙ୍ଗଳା ମନ୍ଦିର ଓ ଗଙ୍ଗା ମନ୍ଦିରରେ ଭକ୍ତମାନେ ଦୀପ ଜାଳି ନବରାତ୍ରି ଆରମ୍ଭ କରିଛନ୍ତି। ଗୁରୁବାରଠାରୁ ଦୀପ ଜାଳି ନବରାତ୍ରି ପୂଜା ଆରମ୍ଭ କରିଛନ୍ତି। ସେହିପରି ବିଜୟା ଦଶମୀ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦଶମୀରେ ଲାଠିଯାତ୍ରା ପାଇଁ କୋରାପୁଟ ଜିଲାର ବିଭିନ୍ନ ପୀଠକୁ ଦଶହରା କମିଟି ପକ୍ଷରୁ ନିମନ୍ତ୍ରଣ ଦିଆଯାଇଛି। ଜୟପୁର ରାଜନହରସ୍ଥିତ ଦୁର୍ଗା ମଣ୍ଡପ,ଜୟପୁର ଘରୋଇ ବସ୍ ମାଲିକ ସଂଘ ଓ ଜୟନଗର ପାଇକ ସାହି ପୂଜା ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଛନ୍ତି। ଚଳିତବର୍ଷ ମଧ୍ୟ ଖୁବ୍ ଆଡମ୍ବରରେ ପୂଜା ଆରମ୍ଭ କରାଯାଇଛି। ଜୟପୁରରେ ମାଦଳାସାହି,ପାୱାର ହାଉସ୍, ରିକ୍ସା ଷ୍ଟାଣ୍ଡ, ଗାନ୍ଧୀ ଛକ ବଣିକ ସଂଘ, ସରକାରୀ ବସ୍‌ଷ୍ଟାଣ୍ଡରେ ମଧ୍ୟ ପୂଜା ମଣ୍ଡପ କରାଯାଇଛି। ଜୟପୁର ସହରରେ ଚଳତବର୍ଷ ମଧ୍ୟ ଖୁବ୍ ଧୁମଧାମରେ ଦଶହରା ପାଳନ ହେବ ବୋଲି ଜୟପୁର ଦଶହରା କମିଟି ଅଧ୍ୟକ୍ଷ ତଥା ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି।


ରାଜନହର


ଜୟନଗର ପାଇକ ସାହି ।


ଘରୋଇ ବସ୍ ମାଲିକ ସଂଘ ।

**ସଂକ୍ଷେପରେ**

## ଜିଲା କୋର୍ଟ ପକ୍ଷରୁ ସଫେଇ, ଚାରାରୋପଣ



**ନବରଙ୍ଗପୁର,୩।୧୦ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କୋର୍ଟ ପରିସରରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଫେଇ ସହ ଚାରାରୋପଣ କରାଯାଇଛି। ବିଚାରବିଭାଗିୟ ଅଧିକାରୀ, ଆଇନଜୀବୀ, ଜିଲା କୋର୍ଟ ଓ ବନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଚାରାରୋପଣ କରିଥିଲେ। ଅନ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ (ପୋକ୍ସୋ) ବାସୁଦେବ ଆଚାର୍ଯ୍ୟ, ପରିବାରବିଚାର ବିଭାଗୀୟ ଅଧିକାରୀ ଲିଲିପ୍ସା ପଶାୟତ, ମୁଖ୍ୟ ବିଚାରବିଭାଗ ଦଣ୍ଡାଧିକାରୀ ସୀମା ତ୍ରିପାଠୀ, ଡିଏଲ୍ଏସ୍ଏ ସଚିବ ସାଇ ଅଭିପ୍ସା ଗୋଛାୟତ, ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ, ବରିଷ୍ଠ ଦେୱାନୀ ଜଜ୍ (ମହିଳା କୋର୍ଟ) ସୁଦୀପା ପାତ୍ର, ଜେଏମ୍ଏଫ୍ସି ରାଜେଶ ମିଶ୍ର, ସିଭିଲ ଜଜ୍ ଅନ ପ୍ରୋବେସନ ଅଙ୍କିତା ପାଣିଗ୍ରାହୀ, ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ, ଜିଲା ଆଇନଜୀବୀ ସଂଘ ସମ୍ପାଦକ ତପନ ସିଂହଙ୍କ ସହ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**ପାପଡାହାଣ୍ଡି, ୩।୧୦(ସ୍ୱପ୍ନଜିତ ପଟ୍ଟନାୟକ)**

କୋଡ଼ିଙ୍ଗାରୁ ଜଣେ ରୋଗୀଙ୍କୁ ଛାଡ଼ି ଫେରିବା ବେଳେ ୧୦୮ ଆମ୍ବୁଲାନ୍ସର ବାମ ପଟ ଆଗ ଚକ ଭାଙ୍ଗି ଯାଇଥିଲା। ସୌଭାଗ୍ୟ ବଶତଃ ଏଥିରେ ଗାଡ଼ିରେ ଥିବା କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଏକ ଆମ୍ବୁଲାନ୍ସ (ଓଡି-୦୨ବିଜେ-୯୬୫୬) ପାପଡ଼ାହାଣ୍ଡି ଫେରିବା ସମୟରେ ଶିରିଶି ନିକଟରେ ଗାଡ଼ିର ବାମପଟ ଆଗଚକ ଭାଙ୍ଗିଯାଇଥିଲା। ଗାଡ଼ିରେ ଡ୍ରାଇଭର ସହ ଦୁଇ ଜଣ କର୍ମଚାରୀ ଥିଲେ। ଚକା ଭାଙ୍ଗି ଗାଡ଼ିଟି ରାସ୍ତା ଉପରେ ରହି ଯାଇଥିଲା। ଗାଡ଼ି ବହୁତ ପୁରୁଣା ହୋଇପଡ଼ିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏପରି ଘଟୁଥିବା ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି।

## ଅଗ୍ରସେନ ଜୟନ୍ତୀ ପାଳିତ

**ପାପଡ଼ାହାଣ୍ଡି, ୩।୧୦(ସ୍ୱପ୍ନଜିତ ପଟ୍ଟନାୟକ)**

ପାପଡ଼ାହାଣ୍ଡି ସଦର ଧର୍ମଶାଳାରେ ଗୁରୁବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସହରର ମାରୱାଡି ସମ୍ପ୍ରଦାୟର ଲୋକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଅଗ୍ରସେନଙ୍କ ମାର୍ଗ ଅନୁସରଣ କରିବା ଲାଗି ଆଲୋଚନା ହୋଇଥିଲା। ସଭାପତି କିଶନ ଲାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶଙ୍କରଲାଲ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ।

# ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଗଣଧାରଣା

**ଝରିଗାଁ,୩।୧୦(କିଶୋର ଚନ୍ଦ୍ର ମଣ୍ଡଳ)**



ଗଣଧାରଣାରେ ସାମିଲ ହୋଇଥିବା ଜିଲାଭିତ୍ତିକ ନିଯୁକ୍ତି କ୍ରିୟାନୁଷ୍ଠାନ କମିଟି ସଦସ୍ୟ, ଲୋକପ୍ରତିନିଧି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ସ୍ଥାୟୀ ଜିଲାଭିତ୍ତିକ ନିଯୁକ୍ତି ଦାବି କରି ଜିଲାଭିତ୍ତିକ ନିଯୁକ୍ତି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାରରୁ ଗଣଧାରଣା ଚାଲିଛି। ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାର ହଜାର ହଜାର ଶିକ୍ଷିତ ଯୁବତୀ ଯୁବକ ଚାକିରି ଆଶାୟୀ ଥିବାବେଳେ ସରକାର ସେମାନଙ୍କୁ ଅଣଦେଖା କରି ବାହାର ଜିଲାର ପ୍ରାର୍ଥୀଙ୍କୁ ଚାକିରି ଦେଉଛନ୍ତି। ଜିଲାର ପ୍ରାର୍ଥୀମାନେ ଚାକିରି ନ ପାଇ ବେକାର ହୋଇ କର୍ମସଂସ୍ଥାନ ସନ୍ଧାନରେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ ହେଉଛନ୍ତି। ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପ୍ରତିବାଦ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏନେଇ ଗୁରୁବାର ଅବିଭକ୍ତ କୋରାପୁଟ ଜିଲାରେ ୧୨ଘଣ୍ଟିଆ ବନ୍ଦ କରାଯିବ ବୋଲି ଡାକବାଜି ଯନ୍ତ୍ର ବଜାଇ ସମସ୍ତଙ୍କୁ ସୂଚିତ କରାଯାଇଛି। ଗଣ ଧାରଣାରେ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ଜନଜାତି ସୁରକ୍ଷା ମଞ୍ଚ ସଭାପତି ଘନ ମାଝୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ଭିକ୍ଷା ସରପଞ୍ଚ ଗୋମତୀ ବଞ୍ଜାରା, ବଣୁଆଗୁଡ଼ା ସରପଞ୍ଚ ଲକ୍ଷ୍ମୀ ପୂଜାରୀ, ଡଙ୍ଗରୀଗୁଡା ସରପଞ୍ଚ ବାସନ୍ତୀ ନାୟକ, କୁଟ୍ରିଛାପର ସରପଞ୍ଚ ବୃନ୍ଦି ସାନ୍ତା, ପାଲିଆ ସରପଞ୍ଚ ରାଧା ସାନ୍ତା, ସମସ୍ତ ସମିତି ସଭ୍ୟଙ୍କ ସହ ବ୍ଲକର ଶତାଧିକ ବେକାରି ଯୁବତୀଯୁବକ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

**ତେନ୍ତୁଳିଖୁଣ୍ଟି, ୩।୧୦(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ନୋଡାଲ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ ହୋଇଛି। ବିଇଓ ରମେଶ ରାୟ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଉମରସିଂ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଏବିଇଓ ମୋହନ ମଧୁସୂଦନ ବାଘ, ପ୍ରଧାନ ଶିକ୍ଷକ ରଞ୍ଜନ ପ୍ରଧାନ, କ୍ଷେତ୍ରମୋହନ ବିଷୋୟୀ, ପ୍ରଦୀପ ସୁନା, ପ୍ରଧାନ ଶିକ୍ଷକ ଝରିଗୁମ୍ମା ମଣ୍ଡଳ, ଆନନ୍ଦ ନେପାକ, ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଗୋପାଳକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍ଯାପନୀ ଦିବସରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୧୦୦, ୨୦୦, ୪୦୦ମିଟର ଦୌଡ଼, ଲମ୍ଫ ଓ ଉଚ୍ଚ ଡିଆଁ, ଶଟ୍‌ପୁଟ, ଡିସ୍‌କସ୍ ଫିଙ୍ଗିବା ପ୍ରଭୃତି ଦୁଇଦିନ ଧରି ଖେଳ ପ୍ରତିଯୋଗିତା ଚାଲିଥିଲା। ଏହି ପ୍ରତିଯୋଗିତାରେ ୩୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତୀ ୧୦୮ ପ୍ରତିଯୋଗୀଙ୍କୁ ବିଡିଓ ପୁରସ୍କୃତ କରିଥିଲେ। ଶାରୀରିକ ଶିକ୍ଷକ ବିଭାଶିଷ ଦେ ମଞ୍ଚ ପରିଚାଳନା କରିଥିଲେ । ୩୦ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଥିବା ନୋଡାଲ ବାପୁଜୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମରସିଂ ନାୟକ କହିଛନ୍ତି। ପିଟି ଶିକ୍ଷକ ମନୋଜ ପୂଜାରୀ, ରବୀନ୍ଦ୍ର ନାଥ ମୁଦୁଲି, ଉଷାରାଣୀ ପ୍ରଧାନ, ବିରାଜ କୁମାରୀ, ପ୍ରତିମା ସାମନ୍ତରାୟ, ମିନାମୟୀ ମହାନ୍ତି, ବିଶ୍ୱଜିତ ବାରିକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଡାବୁଗାଁ, ୩।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଛି। ବିଇଓ ସୁଭେନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାବୁଗାଁ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ ମୁଖ୍ୟ ଅତିଥି, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ, ଭୈରବ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ମହାନ୍ତି, ଏବିଇଓ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତ ପ୍ରସାଦ ନାଗ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ, ସୃଜନଶୀଳ ଲିଖନ, ଶ୍ରୁତଲିଖନ ଓ ସୁନ୍ଦର ହସ୍ତାକ୍ଷର, ମଧ୍ୟାହ୍ନ ଭୋଜନ ଆର୍ଟ, ଓ ନୃତ୍ୟ ଭଳି ମୋଟ ୧୧ ଗୋଟି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରପତି ଭାବେ ମନୋଜ ମାଝି, ସଚ୍ଚିଦାନନ୍ଦ ରଥ, ପରେଶ କୁମାର ଓ ଇତିଶ୍ରୀ ବର୍ଷାରାଣୀ ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡଜେନା, ହେମନ୍ତ ପଣ୍ଡା, ହେମେନ୍ଦ୍ରନାଥ ବେହେରା, ଗୀତାଞ୍ଜଳୀ ବସ୍ତିଆ ପ୍ରମୁଖ ପରିଚାଳନା କରିଥିଲେ।


ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍ଯାପିତ

**ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ପକ୍ଷରୁ ୩ ଦିନ ଧରି ଚାଲିଥିବା ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍ଯାପିତ ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହ ଜନସେବା ଉପରେ ଗୁରୁତ୍ୱ ଦେଇଥିଲେ। ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ସମନ୍ୱୟ ଅଧିକାରୀ ମାନରଞ୍ଜନ ପ୍ରଧାନ, ନବରଙ୍ଗପୁର ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ



ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁଲତା କହଁର, କୋରାପୁଟ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ ବେହେରା, ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ରାଜୀବ ଜାଲ, ପରଳାଖେମୁଣ୍ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ କୁଶ କହଁର ଉପସ୍ଥିତ ଥିଲେ। ଭୁବନେଶ୍ୱର ଇଟିଆଇ ଏନ୍ଏସ୍ଏସ ତାଲିମ ସମନ୍ୱୟକାରୀ ନିରଦ ଚରଣ ଖୁଣ୍ଟିଆ ତାଲିମ ପ୍ରଦାନ କରିଥିଲେ।

ଧୂମପାନ ନିଷେଧ, ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ, ସାନମସିଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସହିତ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ଅଗ୍ନିଶମ ବିଭାଗ ପକ୍ଷରୁ ବିପଦ ପରିଚାଳନା ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଗଣମାଧ୍ୟମର ଉପକାରିତା ଓ ଅପକାରିତା ଉପରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଯାଇଥିଲା। ଉଦ୍ଯାପନୀ ଦିବସରେ ଡିଏସ୍ପି ରାଜକିଶୋର ଦାଶ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲାରୁ ୧୦୦ ସାମାଜିକ କର୍ମୀ ୬୭ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା ପୁରସ୍କାର ବିତରଣ ଉତ୍ସବ

**ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ସ୍ୱଚ୍ଛତା ହିଁ ସେବା ଜିଲାସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାଏକ ପରିଚାଳନା କରିଥିଲେ। ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନବରଙ୍ଗପୁର ବ୍ଲକ ତାରା ଗାଁ ପଞ୍ଚାୟତ, ନବରଙ୍ଗପୁର ପୌରପରିଷଦ ୧ ନମ୍ବର ୱାର୍ଡ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୋଡ଼ିଗାଁ, ରାଇଘର ବ୍ଲକ୍, ତେନ୍ତୁଳିଖୁଣ୍ଟି ବ୍ଲକର ଝରିଗୁମା ବିଦ୍ୟୁମା ଏସ୍ଏଚ୍ଜି, ଚନ୍ଦାହାଣ୍ଡି ବିଡିଓ ରାମକୃଷ୍ଣ ନାଏକ, ଚନ୍ଦାହାଣ୍ଡି ବ୍ଲକ ଏଇଇ ଥାୟା କୁମାର ପଟେଲ, ନନ୍ଦାହାଣ୍ଡି ବ୍ଲକର ବିଆର୍ସି ଅଭିଲାଷ କୁମାର ନାୟକ, ସିଡିଏମ୍ଓ ମଳୟ କୁମାର ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ନାୟକ ସଭାରେ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଡିଏସସି, ଜିଲା ପରିଷଦ ଶୁଭଶ୍ରୀ ଜେନା, ଡିଆଇପିଆର୍ଓ ମନୋଜ ବେହେରା, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ପିଏ ଆଇଟିଡିଏ ରାଜୀବ ସାହୁ ତଥା ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କୃତ ହୋଇଥିବା ଅଧିକାରୀ ।

# ୧୭,୫୨୬ଜଣଙ୍କୁ ଟିକା ଲକ୍ଷ୍ୟ

**ପାପଡ଼ାହାଣ୍ଡି,୩।୧୦ (ସ୍ୱପ୍ନଜିତ ପଟ୍ଟନାୟକ)**

**ବିସିଜି ଟିକାକରଣ କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବୟସ୍କଙ୍କ ବିସିଜି ଟିକାକରଣ କାର୍ଯ୍ୟକ୍ରମ କରାଯାଇଛି। ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ସୁଶ୍ରୀତା ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏସ୍. ଗୀତା ପ୍ରମୁଖ ଯୋଗଦେଇଥିଲେ। ମହିଳା ସ୍ୱାସ୍ଥକର୍ମୀ କ୍ରିଷ୍ଣା ସାମଲ ଏବଂ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଆଶା କର୍ମୀ ଯୋଗ୍ୟ ହିତାଧିକାରୀଙ୍କୁ ଟିକାକରଣ କରାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବୟସ୍କଙ୍କ ବିସିଜି ଟିକାକରଣର କାର୍ଯ୍ୟକ୍ରମ ପାଇଁ ୧୭,୫୨୬ ଜଣ ଯୋଗ୍ୟ ହିତାଧୀକାରୀଙ୍କୁ ସର୍ବେକ୍ଷଣ କରି ଚୟନ କରାଯାଇଛି। ସମସ୍ତଙ୍କ ଟିକାକରଣର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୁଧବାର, ଶନିବାର ଓ ରବିବାର ବ୍ୟତୀତ ଅନ୍ୟସମସ୍ତ କାର୍ଯ୍ୟଦିବସରେ ୩୦ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ନିଜ ଅଞ୍ଚଳରେ ଟିକାକରଣ ଅଧିବେଶନ କରି ହିତାଧିକାରୀମାନଙ୍କୁ ଟିକା ଦେବେ। ବିପିଏମ ଶୁଭ୍ରାଞ୍ଜନ ପଟ୍ଟନାୟକ, ସନ୍ତୋଷ ସାହୁ, ଏସ୍‌ଟିଏସ୍ ଅଶ୍ୱିନୀ ପାତ୍ର, ବିଡିଏମ ଗୁପ୍ତ ପ୍ରସାଦ ସାହୁ, ସନ୍ତୋଷ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ବିଧାୟକ ଓ ଅନ୍ୟମାନେ।

# ବର୍ଜ୍ୟବସ୍ତୁରେ ଜୀବନ ଭରୁଛନ୍ତି ସିପୁନ୍

**ତେନ୍ତୁଳିଖୁଣ୍ଟି, ୩।୧୦(ଚିଦାନନ୍ଦ ସାହୁ)**

ଗ୍ରୀକ୍‌ରେ ମିଡାସ୍ ନାମକ ଜଣେ ରାଜା ଥିଲେ। ଐତିହାସିକଙ୍କ ମତରେ ତାଙ୍କୁ ଏମିତି ଏକ ବରଦାନ ମିଳିଥିଲା ଯେ, ସେ ଯାହାକୁ ହାତ ଲଗାଉଥିଲେ ତାହା ସୁନା ପାଲଟି ଯାଉଥିଲା। ଏହାଦ୍ୱାରା ରାଜା 'ମିଡାସ୍ ଟଚ୍' ନାମରେ ଖୁବ୍ ପରିଚିତ ଥିଲେ। ଠିକ୍ ସେହିଭଳି କୌଣସି ସାଧାରଣ ଲୋକ ଯଦି କିଛି କାରିଗରି ବା କଳାକୃତି କରି ଦେଖାଏ ତେବେ ତାଙ୍କୁ 'ମିଡାସ୍ ଟଚ୍' ବୋଲି ମଧ୍ୟ କୁହାଯାଉଥିବା ନଜିର ରହିଛି। ସେହିଭଳି ଜଣେ କାରିଗର ହେଉଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗ୍ରାମର ଆଦିବାସୀ ବାଳକ ସିପୁନ ନାୟକ। ସିପୁନଙ୍କ ପୁରୁଣା ଖବରକାଗଜ, ସୁତୁଲି, ଆଟା ଡବ୍ବୁ, ମକା ଚୋପା ଭଳି ଅନେକ ବର୍ଜ୍ୟବସ୍ତୁରୁ ଭଳିକି ଭଳି ସୁନ୍ଦର କଳାକୃତି ତିଆରି କରନ୍ତି। ସିପୁନଙ୍କ ହାତର ଯାଦୁରେ ବିଭିନ୍ନ ଅଦରକାରୀ ଜିନିଷ ଜୀବନ୍ତ ହୋଇଉଠେ। ଯିଏ ଥରେ ତାଙ୍କର ଏ ସାମଗ୍ରୀକୁ ଦେଖିଛି ତା' ଆଖି ନିଶ୍ଚୟ ଲାଖିଯିବ। ଖୋଲାରେ ଫିଙ୍ଗାଯାଇଥିବା ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ଘର ସାଜସଜ୍ଜା ଜିନିଷ ତିଆରି କରୁଛନ୍ତି। ଖାଲି ସେତିକି ନୁହେଁ, ଔଷଧ କାର୍ଟୁନରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସହ ସୁତୁଲିରେ ବେଡ୍ ଲ୍ୟାମ୍ପ ଭଳି ଅନେକ କଳାକୃତି ତିଆରି କରିଛନ୍ତି। ମା', ବାପା ଓ ୨ ଭାଇଙ୍କୁ ନେଇ ସିପୁନଙ୍କ ପରିବାର। ବଡ଼ଭାଇ ଦିନ ମଜୁରିଆ ହୋଇଥିବାବେଳେ ସିପୁନକୁ ଗୋଟେ ଭଲ ଚିତ୍ରଶିଳ୍ପୀ ଭାବେ ଦେଖିବାକୁ ସେମାନେ ସ୍ୱପ୍ନ ଦେଖିଛନ୍ତି। ଅର୍ଥାଭାବ ଥିଲେ ମଧ୍ୟ ବହୁ କଷ୍ଟରେ ସିପୁନ୍‌ଙ୍କୁ ଯୁକ୍ତ ୨ ପଢ଼ାଉଛନ୍ତି। ଆଗକୁ ସରକାରୀ ପ୍ରୋତ୍ସାହନ କିମ୍ବା ଏକ ଉତ୍ତମ କଳା ତାଲିମ କେନ୍ଦ୍ରରେ ପଢ଼ିବାର ସୁଯୋଗ ମିଳିଲେ ଭଲ ହୁଅନ୍ତା ବୋଲି ବାପା ଖଇରୁ ନାୟକ କହିଛନ୍ତି।


ସିପୁନ୍‌ଙ୍କ କଳାକୃତି।


ଔଷଧ କାର୍ଟୁନରେ ତିଆରି କରିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସହ ସିପୁନ୍।

# ପ୍ରତାପ ସାଗରରେ ପାଟଖଣ୍ଡାର ମହାସ୍ନାନ

**ମାଁ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ରି ପୂଜା ଆରମ୍ଭ**

■ପୀଠରେ ଲଗାଯାଇଛି ୧୦୦୮ ଦୀପ

**ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଗୁରୁବାରରୁ ଆରମ୍ଭ ହୋଇଛି। ପ୍ରତମ ଦିନରେ ମାଁ ଙ୍କ ପ୍ରତିକ ପାଟଖଣ୍ଡା ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ବାହାର କରାଯାଇଛି। ମାଁ ଭଣ୍ଡାର ଘରଣୀଙ୍କ ପ୍ରତୀକାତ୍ମକ ପାଟଖଣ୍ଡା ପୀଠରେ ବିରାଜମାନ ପୂର୍ବକ ଭକ୍ତଙ୍କୁ ଦର୍ଶନ ଦେବେ। ପଶ୍ଚିମାମୁଖୀ ମାଁ ଭଣ୍ଡାରଘରଣୀ ନବରାତ୍ରିରେ ପୂର୍ବାମୁଖୀ ହୋଇ ପାଟଖଣ୍ଡା ରୂପେ ଦର୍ଶନ ଦେବେ। ଗୁରୁବାର ମାଁଙ୍କ ବିମାନ ରେ ପାଟଖଣ୍ଡାଙ୍କୁ ରଖି ବାହାର କରାଯାଇଥିଲା। ମାଁ ଭଣ୍ଡାର ଘରଣୀଙ୍କ ଅସ୍ତ୍ରଶସ୍ତ୍ର ସହ ଅନ୍ୟ ଆଭୂଷଣକୁ ମାଜଣା ପାଇଁ ବାହାର କରାଯାଇଥିଲା। ଧୂପ, ଘଣ୍ଟଘଣ୍ଟା, ଢୋଲ, ନାଗରା ଭଳି ବୀର ବାଦ୍ୟରେ ମହାପଟୁଆରରେ ମାଁଙ୍କ ବିମାନରେ ପାଟ ଖଣ୍ଡା ବାହାରି ଦାରୁବନ୍ଧ ସାହି ପ୍ରତାପ ସାଗରରେ ପହଞ୍ଚି ଥିଲା। ସେଠାରେ ମାଁ ଙ୍କ ମୁଖ୍ୟ ପୂଜକଙ୍କ ସହ ଅନ୍ୟ ସେବକମାନେ ପାଟଖଣ୍ଡାଙ୍କ ମାଜଣା କରିଥିଲେ। ସମସ୍ତ ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରଗୁଡିକୁ ସଫା କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଛି। ସେଠାରେ ମାଁ ଙ୍କ ପାଟଖଣ୍ଡା ଅସ୍ତ୍ରଶସ୍ତ୍ର ସହିତ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୂଜକ ବିମାନରୁ ପାଟଖଣ୍ଡାକୁ ବାହାର କରି ବାହାର ବେଢ଼ାରେ ସ୍ଥାପିତ କରିଥିଲେ। ବିଜୟା ଦଶମୀ ପର୍ଯ୍ୟନ୍ତ ମାଁ ପାଟଖଣ୍ଡା ରୂପେ ଭକ୍ତଙ୍କୁ ଦର୍ଶନ ଦେବେ। ମାଁ ଭଣ୍ଡାର ଘରଣୀ ଷଷ୍ଠୀ ପର୍ଯ୍ୟନ୍ତ ଚାରି ଧୂପରେ ଓ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଧୂପରେ ପୂଜା ପାଇବେ। ବିଜୟା ଦଶମୀରେ ଲାଖ ବିନ୍ଧା ଯାତ୍ରା ସହ ଶାରଦୀୟ ନବରାତ୍ରି ଉତ୍ସବ ଶେଷ ହେବ। ନବରାତ୍ରି ଉପଲକ୍ଷେ ମାଁଙ୍କ ପୀଠରେ ୧୦୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି।


ମା'ଙ୍କ ପାଟଖଣ୍ଡାକୁ ଶୋଭାଯାତ୍ରାରେ ନିଆଯାଉଛି।

## ପୁରସେଠ ବିଷୋୟୀ ସମାଜର ଦଶହରା ପୂଜା

**ତେନ୍ତୁଳିଖୁଣ୍ଟି, ୩।୧୦(ଚିଦାନନ୍ଦ ସାହୁ)**

ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି, ହିରଲ୍ୟାଗୁଡା, କଣ୍ଟାଗାଁ, ବାଗିଗୁଡା, କଙ୍ଗରା, ମେରାନାଶ ଗ୍ରାମର ପୁରଷେଠ ବିଷୋୟୀ ସମାଜ ଦଶହରା ପୂଜା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ଆରମ୍ଭ ହୋଇ ମଧ୍ୟ ରାତ୍ର ପୂଜାପାଠ ହୋଇଥାଏ। ଏହି ସମାଜର ପ୍ରତ୍ୟେକ ପରିବାର ପୂଜାରେ ସାମିଲ ହୋଇଥାନ୍ତି। ଏହି ପୂଜା ସମୟର ବହୁ ଦୂରଦୂରାନ୍ତରୁ ଗ୍ରାମର ଭକ୍ତ ମାନସିକ କରିବା ସହ ପୂଜା କରିଥାନ୍ତି। ମେଣ୍ଟ୍ରି ଗାଁର ପରମେଶ୍ୱର ବିଷୋୟୀଙ୍କ ବାସଭବନରେ ଏହି ପୂଜା କରାଯାଇଥାଏ। ଆଜିର ଆରମ୍ଭ ଦିନରେ ଜାନକୀକାନ୍ତ ବିଷୋୟୀ, ତ୍ରୀପତି ବିଷୋୟୀ, ବଟକୃଷ୍ଣ ବିଷୋୟୀ, କପିଳେଶ୍ୱର ବିଷୋୟୀ, ଗୌରୀଚରଣ ବିଷୋୟୀ, ଶଙ୍କର ବିଷୋୟୀ, ଡମ୍ବରୁ ବିଷୋୟୀ, ବିସ୍ନୁ ପ୍ରସାଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଏସ୍‌ପିଙ୍କୁ ବିଦାୟ ସମ୍ବର୍ଦ୍ଧନା, ନୂତନ ଏସ୍‌ପିଙ୍କୁ ସ୍ୱାଗତ

ମାଲକାନଗିରି, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିରେ କାର୍ଯ୍ୟରତ ଥିବା ଏସ୍‌ପି ନୀତେଶ ୱାଧୱାନିଙ୍କର ରାଉରକେଲା ବଦଳି ପରେ ତାଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ୱାଧୱାନି ଦୀର୍ଘ ଦିନଧରି ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଥିବା ବେଳେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ବିଭାଗୀୟ କର୍ମଚାରୀଙ୍କର ସବୁ ସମସ୍ୟା ସମାଧାନ କରିଛନ୍ତି। ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିଲେ ସେ। ଯେଉଁଥିପାଇଁ ତାଙ୍କର ବିଦାୟ ସମୟରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସୃଷ୍ଟି ହୋଇଥିଲା ଭାବ ବିହ୍ୱଳ ପରିବେଶ। ମାଲକାନଗିରି ଛାଡିବା ସମୟରେ ଲୋକେ ବାଜା ବଜାଇ



ୱାଧୱାନିଙ୍କୁ ଫୁଲମାଳ ପିନ୍ଧାଇବା ସହ ପୁଷ୍ପଗୁଚ୍ଛ ସହ ବିଦାୟ ଦେଇଥିଲେ। ପରେ ନୂତନ ଏସ୍‌ପି ଭାବେ ଯୋଗ ଦେଇଛନ୍ତି ବିନୋଦ ପାଟିଲ। ସେ ପୂର୍ବରୁ କେସିଙ୍ଗା ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ମାଲକାନଗିରି ଏସ୍‌ପି ଭାବେ ବଦଳି ହୋଇଛି। ତେବେ ସେ କାର୍ଯ୍ୟରେ ଯୋଗଦେଇଥିବା ବେଳେ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।

## ବାଲିମେଲା ସହରରେ ନବରାତ୍ରି ପୂଜା ଆରମ୍ଭ

କୋରୁକୋଣ୍ଡା, ୩।୧୦(ଶିବଦତ୍ତ ସାହୁ )



ମାଲକାନଗିରି ଜିଲା ବାଲିମେଲା ସହର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ନବରାତ୍ରି ପୂଜା ଆରମ୍ଭ ହୋଇଛି। ଏହି ପୂଜା ଦୀର୍ଘ ୧୩ ବର୍ଷ ଧରି ପାଳିତ ହୋଇ ଆସୁଛି। ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମଣ୍ଡପଠାରୁ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ନୂତନ ବସ୍‌ଷ୍ଟାଣ୍ଡରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଜାଯାଇଛି। ଗୁରୁବାର ସକାଳେ କମିଟି ପକ୍ଷରୁ ସ୍ଥାନୀୟ ଚିତାପାରି ନଦୀରେ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ପୂଜାରେ ବ୍ରହ୍ମପୁରର ଯୋଡି ଶଙ୍ଖ ଶ୍ରଦ୍ଧାଳୁଙ୍କ ମନ ମୁଗ୍ଧ କରିଥିଲା। ପୂଜା କମିଟି ପ୍ରମୁଖ ରମେଶ ବେହେରା, ବଂଶୀ ବରାଡ, ଉମା ଖାଡେଙ୍ଗା, ବୈଶାଖ ବରାଡ଼, ସୁନୀଲ, ଅଖିଳ, ଗୁନା, ଉମା ଓ ଚନ୍ଦନଙ୍କ ସମେତ ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରୁଛନ୍ତି।

## ୨ ବାଇକ୍ ମୁହାଁମୁହିଁରେ ୩ ଗୁରୁତର

ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଚକାଛପରଠାରେ ୨ ବାଇକ୍ ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗାଦବାଗୁଡା ଅଞ୍ଚଳର ଜିତେନ୍ଦ୍ର ଗୁପ୍ତା, ଗାନ୍ଧୀ ନଗର ଅଞ୍ଚଳର ଡମୁ ଯାନୀ, ବଡ଼ ମସିଗାଁର ସତ୍ୟ ବିଷୋୟୀ। ସୂଚନାନୁଯାୟୀ, ଜିତେନ୍ଦ୍ର ଓ ଡମୁଙ୍କ ବାଇକ୍ ସହ ସତ୍ୟଙ୍କ ଗାଡ଼ି ଧକ୍କା ହୋଇଥିଲା। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଦମକଳ ଗାଡ଼ିରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

# ବିଜେଡିର ଜିଲାସ୍ତରୀୟ ଜନସମ୍ପର୍କ ପଦଯାତ୍ରା



ମାଲକାନଗିରିରେ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ଓ ଅନ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ମାଲକାନଗିରି, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ଷ୍ଟାଡିୟମ୍ ନିକଟ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି କୋର୍ ତଥା ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅନ୍ୟ ସଦସ୍ୟ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଭୃଗୁ ବକ୍ସିପାତ୍ର ଏବଂ ବିଜେଡି କେନ୍ଦ୍ରୀୟ ମୁଖପାତ୍ର ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ରମେଶ ଚନ୍ଦ୍ର ମାଝୀ, ବରିଷ୍ଠ ନେତା ଡ. ପ୍ରିୟବ୍ରତ ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଜିଲା ବିଜୁ ଯୁବ ଜନତା ଦଳ ସଭପତି ଆଡମା ରାବାଙ୍କ ସହ ଜିଲାର ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଜନ ସାଧାରଣଙ୍କୁ ବିଜେଡି ସରକାର ସମୟରେ ଗ୍ରାମାଞ୍ଚଳ ଓ ପୌରାଞ୍ଚଳର ବିକାଶ ସହିତ ଲୋକଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ସଫଳ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବିଜେଡି ୨୪ ବର୍ଷର ସରକାରରେ ଓଡ଼ିଶା ବିକାଶର ନୂଆ ଶିଖର ଛୁଇଁଥିବା ପ୍ରକାଶ କରିଥିଲେ। ସେବା ଓ ସ୍ୱାଭିମାନକୁ ମନ୍ତ୍ରକରି ବିଜେଡି ଏବେ ଏକ ସାମାଜିକ ଆନ୍ଦୋଳନ ସାଜିଛି ବୋଲି ନେତୃମଣ୍ଡଳୀ କହିଥିଲେ। ବିଗତ ଦିନରେ ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ଓ ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା ଓ ମା'ମାନଙ୍କୁ ୨ ବର୍ଷରେ ୫୦,୦୦୦ ଟଙ୍କା ଦେବା ଆଦି ଭାଜପାର ମିଛ ଏବେ ଧରା ପଡ଼ିଯାଇଛି ବୋଲି ନେତୃମଣ୍ଡଳୀ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡିର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଜିଲା କମିଟି ତଥା ମହିଳା ଯୁବ ଛାତ୍ର ଓ ଛାମୁଆ ସଂଗଠନର ସଭାପତି ଓ କର୍ମକର୍ତ୍ତା ବୃନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀ ଗଡ଼ରେ ପଶିଲେ ଯବାନ, ବିସ୍ଫୋରକ ଜବତ

ମାଲକାନଗିରି, ୩।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ଚିନ୍ତାବାଗୁ ନଦୀକୂଳରେ ପୋଲିସ ସହ ଗୁଳି ବିନିମୟ ବେଳେ ବିପୁଳ ପରିମାଣର ମାଓବାଦୀ ଡମ୍ପ ଏବଂ ବିସ୍ଫୋରକ ଜବତ ହୋଇଛି। ବୁଧବାର ସୁରକ୍ଷା ବାହିନୀର ମିଳିତ ଦଳ ବୋତଲଙ୍କା, ଏରନପଲ୍ଲୀ ଏବଂ ଆଖପାଖ ଅଞ୍ଚଳକୁ ତଲାସୀ ପାଇଁ ଯାଇଥିଲେ। ଏହି ସମୟରେ ଚିନ୍ତାବାଗୁ ନଦୀକୂଳରେ ମାଓବାଦୀ ସଂଗଠନର ପିଏଲ୍‌ଜିଏ ବାଟାଲିୟନ ଏବଂ କିଷ୍ଟାରାମ ଏରିଆ କମିଟିର ମାଓବାଦୀଙ୍କ ସହିତ ଯବାନଙ୍କ ସହ ଗୁଳି ବିନିମୟ ହୋଇଥିଲା। ମାଓବାଦୀଙ୍କ ପକ୍ଷରୁ ଯବାନଙ୍କ ଉପରକୁ ବ୍ୟାରେଲ ଗ୍ରେନେଡ୍ ଲଞ୍ଚର୍ସ (ବିଜିଏଲ୍) ଦ୍ୱାରା ଆକ୍ରମଣ କରାଯାଇଥିଲା। ଯବାନମାନେ ମଧ୍ୟ ଗୁଳି ଚାଳନା କରିଥିଲେ। ଫଳରେ ମାଓବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅପରେଶନରେ ଜିଲା ପୋଲିସ, ଡିଆର୍‌ଜି, ବସ୍ତର ଫାଇଟର୍ସ, କୋବ୍ରା ବାହିନୀର ଯବାନମାନେ ସାମିଲ ଥିଲେ। ଗୁଳି ବିନିମୟ ପରେ ଘଟଣାସ୍ଥଳରୁ ଅସ୍ଥାୟୀ ମାଓବାଦୀ କ୍ୟାମ୍ପକୁ ଧ୍ୱଂସ ସହ ବିପୁଳ ପରିମାଣର ଡମ୍ପ ଏବଂ ବିସ୍ଫୋରକ ପୋଲିସ ଜବତ କରିଛି।

# ଗଛ ପଡ଼ି ବାଲିମେଲା-ବେଜଙ୍ଗୱାଡ଼ା ମୁଖ୍ୟ ରାସ୍ତା ଅବରୋଧ



ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି।

କୋରୁକୋଣ୍ଡା, ୩।୧୦(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଲା-ବେଜଙ୍ଗୱାଡ଼ା ମୁଖ୍ୟ ରାସ୍ତାର ତଥା ଏମ୍‌ଭି-୧୨୦ ଅଞ୍ଚଳରେ ଗୁରୁବାର ଅଦିନିଆ ଝଡ଼ବର୍ଷାରେ ଅପରାହ୍ନ ପ୍ରାୟ ୩ ଟାରେ ଗୋମ୍ପାକୋଣ୍ଡା କେନାଲ ପାର୍ଶ୍ୱରେ ଥିବା ଏକ ଗଛ ଉପୁଡ଼ି ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟଧରି ବହୁ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଛି। ସୌଭାଗ୍ୟବଶତଃ ଗଛଟି କାହା ଉପରେ ପଡ଼ି ନ ଥିଲା। ତେବେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ କର୍ମଚାରୀମାନେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ।

# ଆଦିବାସୀ ସମାଜ ଧାରଣାକୁ ସମର୍ଥନଦେଲା ବିଜେଡି

ମାଲକାନଗିରି, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

**ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଘଟଣା**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୧୪ ଆଦିବାସୀ ସମାଜ ପକ୍ଷରୁ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଲାଗି ଧାରଣା ଦୀର୍ଘ ଦିନ ଧରି ଜାରି ରହିଛି। ଗୁରୁବାର ଧାରଣାସ୍ଥଳରେ ବିଜୁ ଜନତା ଦଳ କର୍ମକର୍ତ୍ତାମାନେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ରାଜ୍ୟ ବିଜେଡିର ପୂର୍ବତନ ମନ୍ତ୍ରୀ ତଥା କୋର୍ ତଥା ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ରଙ୍କ ସହ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ଏବଂ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ରମେଶ ଚନ୍ଦ୍ର ମାଝୀ ଓ ରାଜ୍ୟ ବିଜେଡି ବରିଷ୍ଠ ନେତା ଡ. ପ୍ରିୟବ୍ରତ ମାଝୀଙ୍କ ସହ ଜିଲାର ଅନ୍ୟ ଦଳୀୟ ନେତୃମଣ୍ଡଳୀ ଏହି ଧାରଣାସ୍ଥଳରେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହା ସହ ଆନ୍ଦୋଳନକାରୀଙ୍କ ଦାବି ଯଦି ସରକାର ପୂରଣ ନ କଲେ ତେବେ ଆଗାମୀ ଦିନରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ଆନ୍ଦୋଳନ ତୀବ୍ର କରିବା ପାଇଁ ପୂର୍ବତନ ମନ୍ତ୍ରୀ ମିଶ୍ର ମତ ଦେଇଛନ୍ତି। ତେବେ ଏହି ଅବସରରେ ଧାରଣାରେ ବସିଥିବା ଆଦିବାସୀ ସମାଜ ପକ୍ଷରୁ ଏକ ଦାବିପତ୍ର ମଧ୍ୟ ଦଳୀୟ ନେତୃମଣ୍ଡଳୀଙ୍କୁ ପ୍ରଦାନ କରାଯାଇଥିଲା।

## ଶକ୍ତି ବ୍ୟବହାର, ପରିବେଶ ସୁରକ୍ଷା ଦିଗରେ ସଚେତନ କରିବାକୁ ପରାମର୍ଶ

-ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଭାରତରେ ଶୂନ୍ୟ ନିର୍ଗମନ ହାସଲ କରିବାର ଏକ ଉପାୟ' ଶୀର୍ଷକ ସ୍ୱତନ୍ତ୍ର ବକ୍ତୃତା

କୋରାପୁଟ,୩।୧୦(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ଭାରତରେ ଶୂନ୍ୟ ନିର୍ଗମନ ହାସଲ କରିବାର ଏକ ଉପାୟ' ଶୀର୍ଷକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଅର୍ଥନୀତି ବିଭାଗ ଭାରପ୍ରାପ୍ତ ମୁଖ୍ୟ ଡ. ମିନତି ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର କେ. ଦାମୋଦରନ ବକ୍ତାଭାବେ ଯୋଗଦେଇଥିଲେ। ୨୦୭୦ ସୁଦ୍ଧା ଶୂନ୍ୟ ନିର୍ଗମନ ହାସଲ କରିବା ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ। ସୌରଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତଦେବା ସହ ଉତ୍ପାଦନ ଖର୍ଚ୍ଚ ଅଧିକ ଥିବାରୁ ଲୋକମାନେ ସୌରଶକ୍ତି ବ୍ୟବହାର କରିବାକୁ ଅସମର୍ଥ ବୋଲି କହିଥିଲେ। ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ସରକାର ସବ୍‌ସିଡି ପ୍ରଦାନ ସହ କମ୍ପାନୀ ଓ ଲୋକଙ୍କ ପାଇଁ ଟିକସ ହ୍ରାସ କରିବା ଉଚିତ ବୋଲି କହିଥିଲେ। ବିପୁଳ ପରିମାଣର ପ୍ରଦୂଷଣ ନିର୍ଗତ କରୁଥିବା ଇନ୍ଧନଚାଳିତ ଗାଡ଼ି ପରିବର୍ତ୍ତେ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା ନେଇ ପରାମର୍ଶ ଦେଇଥିଲେ। ଶକ୍ତି ବ୍ୟବହାର ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ସହ ଅନ୍ୟମାନଙ୍କୁ ସଚେତନ କରିବା ଜରୁରୀ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗ ସହକାରୀ ପ୍ରଫେସର ଡ. ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗର ପିଏଚ୍‌ଡି ସ୍କଲାର ମନୀଷା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଭାରପ୍ରାପ୍ତ କୁଳ ସଚିବ ପ୍ରଫେସର ଏନ୍.ସି. ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।



ବାଲିମେଲା କଲେଜରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଡିଗ୍ରୀ ଓ ପିଜି ପରୀକ୍ଷା ଶେଷ ଦିନ ଗୁରୁବାର ଅଧ୍ୟକ୍ଷ ସରୋଜ କୁମାର ମହାପାତ୍ର ପରୀକ୍ଷାର୍ଥୀଙ୍କ ସହ ଚାରାରୋପଣ କରୁଛନ୍ତି ।

# ନିଶା, ପଶାରୁ ମୁକ୍ତ ରହିବାକୁ ପରାମର୍ଶ

**ନାରୀଶକ୍ତିର ଗ୍ରାମ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)



ନବରଙ୍ଗପୁର ଜିଲାର ମହିଳା ସଙ୍ଗଠନ ନାରୀଶକ୍ତି ଓ 'ସଖୀ' ରାଜ୍ୟ ସହାୟିକା କେନ୍ଦ୍ର ଓ ପରିବର୍ତ୍ତନ ଫାଉଣ୍ଡେଶନ ମିଳିତ ସହଯୋଗରେ ନବରଙ୍ଗପୁର ପୌରାଞ୍ଚଳ ୧୫ ନମ୍ବର ୱାର୍ଡ ଟାଆକାରିଆଗୁଡ଼ାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନାରୀଶକ୍ତି ବରିଷ୍ଠ ସଦସ୍ୟା ମନୋରମା ମାଝୀ ଯୋଗଦେଇ ଶିଶୁମାନଙ୍କ ଶିକ୍ଷା ଅଧିକାର ଆଇନ, ଅଧାରୁ ପାଠ ଛାଡ଼ିବା, ଝିଅମାନଙ୍କ ଉଚିତ ବିବାହ ବୟସ, ବାଲ୍ୟବିବାହ ସମସ୍ୟା ଓ ଉଚ୍ଛେଦ, ଲିଙ୍ଗଗତ ବୈଷମ୍ୟ, ଯୌତୁକ ନିର୍ଯାତନା, ଘରୋଇ ହିଂସା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସମ୍ପାଦିକା ଆଇନଜୀବୀ କିଶୋରୀ ପଟ୍ଟନାୟକ 'ସଖୀ' କେନ୍ଦ୍ରର ଭୂମିକା ସମ୍ପର୍କରେ ମତ ଦେଇଥିଲେ। ପରିବର୍ତ୍ତନ ଫାଉଣ୍ଡେଶନ ଅଧ୍ୟକ୍ଷ ନିନିବାବୁ ତ୍ରିପାଠୀ ଶିକ୍ଷା ହିଁ ପ୍ରଗତି ର ମୂଳ ଉତ୍ସ ବୋଲି କହିଥିଲେ। ଯେକୌଣସି ରୋଗୀଙ୍କୁ ରକ୍ତର ଆବଶ୍ୟକ ପଡ଼ିଲେ ପରିବର୍ତ୍ତନ ଫାଉଣ୍ଡେଶନକୁ ଯୋଗାଯୋଗ କରିବାକୁ କହିଥିଲେ। ନାରୀଶକ୍ତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଆଲୋଚନା କରିବା ସହ ସ୍ୱଚ୍ଛତା ହିଁ ଜୀବନର ପ୍ରାଣକେନ୍ଦ୍ର ବୋଲି ମତ ଦେଇଥିଲେ। ଦାମ୍ପତ୍ୟ ଜୀବନ ସୁଖମୟ ହେଲେ ପରିବାରର ଶିଶୁ ନିଜର ସମସ୍ତ ନ୍ୟାଯ୍ୟ ଅଧିକାର ପାଇବ ବୋଲି ଉପାଧ୍ୟକ୍ଷା ଶର୍ମିଷ୍ଠା ଦେଓ କହିଥିଲେ। ନିଶା ଓ ପଶାରୁ ମୁକ୍ତ ରହିବାକୁ ସେ ପରାମର୍ଶ ଦେଇଥିଲେ। କାଉନସିଲର ସୋମେଶ ଖରା ଏଭଳି କାର୍ଯ୍ୟକ୍ରମ ପ୍ରତି ମାସରେ ଆୟୋଜନ କରିବାକୁ ମତ ରଖିଥିଲେ। କାର୍ଯ୍ୟକାରିଣୀ ସଦସ୍ୟା ସୋମା ଅହମ୍ମଦ କିଶୋରୀ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷା ସୋଫିଆ ବେଗମ ଧନ୍ୟବାଦ ଦେଇଥିଲେ।

# ଚିତ୍ରକୋଣ୍ଡା ବ୍ଲକ୍‌ରେ ରକ୍ତଦାନ ଶିବିର

ଚିତ୍ରକୋଣ୍ଡା, ୩।୧୦
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ହେମନ୍ତ ସଗରିଆ, ଜିଲା ଉପସଭାପତି ସନ୍ତୋଷୀ ପାତ୍ର ଓ ସମ୍ପାଦିକା ଉଜ୍ଜ୍ୱଳା ପେରେମାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବିଶେଷକରି ତହସିଲଦାର ନଟବର ଗରଡ଼ା, ଡାକ୍ତର ଅଶ୍ୱିନୀ ବେହେରା, ପୋଲିସ ସବ୍ ଇନିସ୍ପେକ୍ଟର ମନୋରଞ୍ଜନ ପ୍ରଧାନଙ୍କ ସହ ବିଭିନ୍ନ ସରକାରୀ କର୍ମଚାରୀ ଓ ପଦାଧିକାରୀମାନେ ରକ୍ତଦାନ କରିଥିଲେ। ଏଥିରେ ୧୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅଭିଯାନ ଜିଲାରେ ଆଗାମୀ ଦିନରେ ଜାରି ରହିବ ବୋଲି ମଣ୍ଡଳ ସଭାପତି ହେମନ୍ତ ସଗରିଆ କହିଛନ୍ତି।



ଶିବରରେ ଜଣେ ରକ୍ତଦାନ କରୁଛନ୍ତି ।

# ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାରଙ୍କ ଧାରଣା

**ବକେୟା ଅର୍ଥ ଦାବି**

ମାଲକାନଗିରି, ୩।୧୦
(ଦୁର୍ଯ୍ୟୋଧନ ପାତ୍ର)




ଧାରଣାରେ ବସିଥିବା ଠିକାଦାରମାନେ ।

ମାଲକାନଗିରି ଜିଲା ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ବିଭିନ୍ନ ନିର୍ମାଣ କାର୍ଯ୍ୟକରି ବିଲ୍ ପାଇ ନ ଥିବାରୁ ଗୁରୁବାର ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାରମାନେ ଧାରଣା ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ ବଡ଼ପଡ଼ା ପଞ୍ଚାୟତରେ ଶିକ୍ଷା କମ୍ପ୍ଲେକ୍ସ ନିର୍ମାଣ ପାଇଁ ଆଇଟିଡିଏ ପକ୍ଷରୁ କାର୍ଯ୍ୟାଦେଶ ପାଇଥିଲେ। ଏହାକୁ ଠିକ୍ ସମୟରେ ସମ୍ପାଦନ ସହ ନିଜେ ଟଙ୍କା ଖର୍ଚ୍ଚ କରିଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାପରେ ବିଲ୍ ଆଇଟିଡିଏ କାର୍ଯ୍ୟାଳୟରେ ପେଠ କରାଯାଇ ୬ ମାସ ବିତିଥିଲେ ମଧ୍ୟ ଟଙ୍କା ମିଳୁନାହିଁ । ଏଥିପାଇଁ ଆମେ ଜଣାଇଲେ ମଧ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କେବଳ ବଡପଡା ନୁହେଁ ଜିଲାର ବିଭିନ୍ନ ବ୍ଲକ୍‌ରେ ଏହି ସଂସ୍ଥା ଦ୍ୱାରା କାର୍ଯ୍ୟ ଆମେ କରିଥିଲେ ମଧ୍ୟ କୌଣସି ଠିକାଦାରଙ୍କୁ ବିଲ ଟଙ୍କା ଦିଆଯାଇ ନ ଥିବାରୁ ଆମେ ବାଧହୋଇ ଧାରଣାରେ ବସିଛୁ ବୋଲି ଠିକାଦାରମାନେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଦୁର୍ଗାପୂଜା ପୂର୍ବରୁ ଯଦି ଟଙ୍କା ନ ମିଳେ ତେବେ ଆଗାମୀ ଦିନରେ ଆମରଣ ଅନଶନ କରିବେ ବୋଲି ଠିକାଦାର ଇନ୍ଦୁଭୂଷଣ ସରଦାର, ନତିଶ ବିଶ୍ୱାସ, ସତଦଳ ମଣ୍ଡଳ, ନୀଳାଞ୍ଚଳ ସାହୁ, ସଞ୍ଜୟ ସରକାର, ମିହିର ମଣ୍ଡଳ, ଅସୀମ ହୀରା, ସରୋଜ ବାଲା, ବିଜୟ ନାୟକ, ସଞ୍ଜୀବ ବିଶ୍ୱାସ, ଗଣେଶ ମଣ୍ଡଳ, ସତ୍ୟଜିତ ମଣ୍ଡଳ, ସେଖ ରହିମ ଓ ରାହୁଲ ଦାସ ପ୍ରମୁଖ କହିଛନ୍ତି ।

